Odia Daily

www.theutkalsamachar.com

# ଉତ୍କଳ ସମାଚାର

ବୈପ୍ଳବିକ ଚେତନାର ପ୍ରତୀକ

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR

Postal Regn. No.OR/SUN-07/2007-09 ◆ RNI. Regd. No.ORIORI/2004/17448



**ଆବଶ୍ୟକ**

**The Utkal Samachar**

www.theutkalsamachar.com

ଦୈନିକ 'ଉତ୍କଳ ସମାଚାର' ପାଇଁ ଜିଲ୍ଲାସ୍ତରୀୟ ସାମ୍ବାଦିକ ଆବଶ୍ୟକ । ଇଚ୍ଛୁକ ପ୍ରାର୍ଥୀ ନିମ୍ନ ଠିକଣାରେ ଯୋଗାଯୋଗ କରିପାରିବେ ।

Address:Qrs No-B/204, Sec-16,Rkl, Mob:9439951525, Email: utkalsamachar@gmail.com



✦Vol - 19✦ Issue No:235✦30 December 2023 (Saturday) ✦ Rourkela ✦ Rs.2.00 ✦ Page -6 ✦୧୯ ବର୍ଷ ✦ସଂଖ୍ୟା :୨୩୫✦୩୦ ଡିସେମ୍ବର ୨୦୨୩ (ଶନିବାର)✦ ରାଉରକେଲା ✦ମୂଲ୍ୟ:ଟ.୨.୦୦✦ ପୃଷ୍ଠା-୬


## ବିଏସକେୱାଇ – ନବୀନ କାର୍ଡର ତୃତୀୟ ପର୍ଯ୍ୟାୟର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

### ରାସନ କାର୍ଡ ନଥିଲେ ମଧ୍ୟ ମିଳିବ ବିଏସକେୱାଇ -ନବୀନ କାର୍ଡ

ଭୁବନେଶ୍ୱର , ୨୯/୧୨ (ନି/ପ୍ର): ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ କାର୍ଡ (ବିଏସକେୱାଇ) କାର୍ଡ ନଥିବା ଲୋକଙ୍କ ପାଇଁ ଖୁସି ଖବର । ଶୁକ୍ରବାର ଠାରୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ କାର୍ଡର (ବିଏସକେୱାଇ – ନବୀନ କାର୍ଡ)ର ତୃତୀୟ ପର୍ଯ୍ୟାୟର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁଭାରମ୍ଭ ଆରମ୍ଭ କରିଛନ୍ତି। ଏଥିରେ ପ୍ରାୟ ୧ କୋଟି ୧୦ ଲକ୍ଷ ପରିବାର ଉପକୃତ ହେବେ । ବର୍ତ୍ତମାନ ରାଜ୍ୟର ୯୦ ପ୍ରତିଶତ ଲୋକେ ମାଗଣା ଚିକିତ୍ସା ପାଇବେ । ବିଏସକେୱାଇ କାର୍ଡ ଉତମ ସ୍ୱାସ୍ଥ୍ୟ ସେବା ଯୋଗାଇବାରେ ବୈପ୍ଳବିକ ପରିବର୍ତ୍ତନ ଆଣିଛି। ପ୍ରତି ମାସରେ ୪୫ ଲକ୍ଷରୁ ଅଧିକ ଲୋକ ମାଗଣା ଚିକିତ୍ସା ସୁବିଧା ପାଉଛନ୍ତି । ୧.୩୦ ଲକ୍ଷ ଲୋକେ ଘରୋଇ ହସ୍ପିଟାଲରେ କ୍ୟାସ୍‌ଲେସ୍ ଚିକିତ୍ସା ସୁବିଧା ପାଉଛନ୍ତି । ମାସକୁ ୨୬୦ କୋଟି ଟଙ୍କା ରାଜ୍ୟ ସରକାର ଖର୍ଚ୍ଚ କରୁଛନ୍ତି। ୫ ବର୍ଷରେ ୨୧ ଲକ୍ଷ ରୋଗୀଙ୍କ ଚିକିତ୍ସା, ୪୫୦୦ କୋଟି ଖର୍ଚ୍ଚ କରାଯାଇଛି । ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ସାରା ଦେଶରେ ଏହା ଅନନ୍ୟ ଉଦାହରଣ ସାଜିଛି । ଜଟିଳ ରୋଗ ପାଇଁ ଘରୋଇ ହସ୍ପିଟାଲରେ କ୍ୟାସ୍‌ଲେସ୍ ସୁବିଧା ମିଳିବ । ଗ୍ରାମାଞ୍ଚଳରେ ବିଏସକେୱାଇ ଅଧୀନରେ ନଥିବା ଲୋକେ ମଧ୍ୟ ସାମିଲ ହେବେ । କେବଳ ସରକାରୀ କର୍ମଚାରୀ ଓ ଆୟକରଦାତାଙ୍କୁ ଏଥିରୁ ବାଦ୍ ? ? ଦିଆଯାଇଛି । ରାସନ କାର୍ଡ ନଥିଲେ ମଧ୍ୟ ବିଏସକେୱାଇ -ନବୀନ କାର୍ଡ ମିଳିବ । ବିଏସକେୱାଇ -ନବୀନ କାର୍ଡ ଚିକିତ୍ସା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବ ।

## ପୁରୀ ଶ୍ରୀମନ୍ଦିରରେ ଦୀପରୁ ନିଆଁ ଲାଗି ନାବାଳିକା ଆହତ

ଭୁବନେଶ୍ୱର, ୨୯/୧୨(ନି/ପ୍ର): ନୂଆବର୍ଷ ପୂର୍ବରୁ ପୁରୀରେ ଶେଷ ଭିଡ ଲାଗି ରହିଛି । ଜଗନ୍ନାଥଙ୍କ ଦର୍ଶନ ଲାଗି ରାଜ୍ୟ ତଥା ରାଜ୍ୟ ବାହାରୁ ଶ୍ରଦ୍ଧାଳୁଙ୍କ ସୁଅ ଛୁଟିବାରେ ଲାଗିଛି । ପ୍ରବଳ ଜନସମାଗମ ଯୋଗୁଁ ଶ୍ରୀମନ୍ଦିର ପରିସରରେ ବିଭିନ୍ନ ଛୋଟ ମୋଟ ଦୁର୍ଘଟଣାର ଚିତ୍ର ସାମ୍ନାକୁ ଆସୁଛି । କେତେବେଳେ କିଏ ଟୋଲାଗେଲାରେ ଆହତ ହେଉଛନ୍ତି ତ ପୁଣି କେତେବେଳେ ଭିଡ ମଧ୍ୟରେ କିଏ ଅଣନିଶ୍ୱାସୀ ହୋଇ ତଳେ ପଡିଯାଉଥିବାର ଚିତ୍ର ସାମ୍ନାକୁ ଆସୁଛି । ଆଜି ଶ୍ରୀମନ୍ଦିରରେ ପୁଣି ଏକ ଅଘଟଣ ଘଟିଯାଇଛି । ଦୀପରୁ ନିଆଁ ଲାଗି ଜଣେ ନାବାଳିକା ମନ୍ଦିର ଭିତରେ ଆହତ ହୋଇଛନ୍ତି । ମିଳିଥିବା ସୂଚନାରୁ ଜଣାପଡିଛି ହାଇଡ୍ରାବାଦରୁ ପରିବାର ଲୋକଙ୍କ ସହ ପୁରୀ ଶ୍ରୀଜଗନ୍ନାଥ ଦର୍ଶନ କରିବାକୁ ଆସିଥିଲେ ନାବାଳିକା । ଶ୍ରୀମନ୍ଦିର ସାତପାହାଚ ନିକଟରେ ଦୀପରୁ ନିଆଁ ଲାଗି ନାବାଳିକା ଜଣକ ଆହତ ହୋଇଥିବା ସୂଚନା ମିଳିଛି ।

## ଓଡ଼ିଶା ଦେଇ ଯିବ ଅମୃତ ଭାରତ ଏକ୍ସପ୍ରେସ୍

ଭୁବନେଶ୍ୱର , ୨୯/୧୨ (ନି/ପ୍ର): ଓଡ଼ିଶା ଦେଇ ଚାଲିବ ଅମୃତ ଭାରତ ଏକ୍ସପ୍ରେସ୍। ଏହି ରେଳକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଡିସେମ୍ବର ୩୦ରେ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି ବୋଲି ରେଳ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି । ପ୍ରଥମ ପର୍ଯ୍ୟାୟରେ ଦେଶରେ ଦୁଇଟି ଅମୃତ ଭାରତ ଏକ୍ସପ୍ରେସ୍ ଚଳାଚଳ କରିବାକୁ ଥିବାବେଳେ ପ୍ରଥମଟି ବିହାରର ଦରଭଙ୍ଗାରୁ ଅଯୋଧ୍ୟା ହୋଇ ନୂଆଦିଲ୍ଲୀ ପର୍ଯ୍ୟନ୍ତ ଚାଲିବ । ଦ୍ୱିତୀୟଟି ପଶ୍ଚିମବଙ୍ଗର ମାଲଦାରୁ ବାହାରି ଓଡ଼ିଶା ଦେଇ ବେଙ୍ଗାଲୁରୁ ମଧ୍ୟରେ ଚଳାଚଳ କରିବ । ଏହି ଏକ୍ସପ୍ରେସ୍ ଭାୟା ଖଡଗପୁର, ବାଲେଶ୍ୱର ଓ ବ୍ରହ୍ମପୁର ହୋଇ ବେଙ୍ଗାଲୁରୁ ଚାଲିବ । ପ୍ରଧାନମନ୍ତ୍ରୀ ମୋଦୀ ଉଦ୍‌ଘାଟନ କରିବା ପରେ ପରୀକ୍ଷାମୂଳକ ଭାବେ ବୁଧବାର ମାଲଦାରୁ ବେଙ୍ଗାଲୁରୁ ମଧ୍ୟରେ ଚଳାଚଳ କରିବ ଦ୍ୱିତୀୟ ଅମୃତ ଭାରତ ଏକ୍ସପ୍ରେସ । ଓଡ଼ିଶାରେ ଜଳେଶ୍ୱର, ସୋର, ବାଲେଶ୍ୱର, ଭଦ୍ରକ, କଟକ, ଭୁବନେଶ୍ୱର, ଖୋର୍ଦ୍ଧା ରୋଡ୍ ଏବଂ ବ୍ରହ୍ମପୁର ଷ୍ଟେସନରେ ରହଣି କରିବ । ୩୦ ତାରିଖରେ ପଶ୍ଚିମବଙ୍ଗର ମାଲଦାରୁ ବାହାରି ଭଦ୍ରକରେ ରାତିରେ ପହଞ୍ଚିବ । ୩୧ ତାରିଖ ସକାଳୁ କଟକ ରେଳ ଷ୍ଟେସନରୁ ବେଙ୍ଗାଲୁରୁ ଅଭିମୁଖେ ଯାତ୍ରା ଆରମ୍ଭ କରିବ । ଘଣ୍ଟା ପ୍ରତି ୧୩୦କି.ମି ବେଗରେ ଚଳାଚଳ କରିବାକୁ ଉକ୍ତ ଏକ୍ସପ୍ରେସ୍ ?କୁ ଅନୁମତି ମିଳିଛି। ଏହି ରେଳରେ ଯାତ୍ରୀଙ୍କୁ ଅତ୍ୟାଧୁନିକ

ସୁବିଧା ମିଳିବ । ରେଳଗାଡି ଷ୍ଟାର୍ଟକରି ଗଡିବା ଏବଂ ଟ୍ରେଜ୍ ମାରିବା ସମୟରେ ଯାତ୍ରୀଙ୍କୁ ଝଟକା ଲାଗିବ ନାହିଁ, ଯାହାକି ଅନ୍ୟ ରେଳଗୁଡିକରେ ଷ୍ଟାର୍ଟ ମାରି ଗଡିବା ଏବଂ ଟ୍ରେଜ୍ ମାରିବା ସମୟରେ ଯାତ୍ରୀଙ୍କୁ ଝଟକା ଲାଗୁଥିଲା । ଏହି ରେଳର ସମସ୍ତ କୋଚଗୁଡିକ ଅଣ ଶୀତତାପ ନିୟନ୍ତ୍ରଣ(ନନ୍-ଏସି) ଥିବାବେଳେ ବିକଳାଙ୍ଗ ଯାତ୍ରୀଙ୍କ ପାଇଁ ବିଶେଷ ସୁବିଧା ରହିଛି । ଦୁର୍ଘଟଣାକୁ ରୋକିବା ପାଇଁ ଉକ୍ତ ଏକ୍ସପ୍ରେସ୍ ?ରେ କବଚ ସଂଯୋଗ କରାଯାଇଛି । ସୁଶ୍-ସୁଇ ଜ୍ଞାନକୌଶଳରେ ନିର୍ମିତ ଏହି ସ୍ୱଦେଶୀ ରେଳଗାଡି ଖୁବ୍ କମ ସମୟ ମଧ୍ୟରେ ପିକଅପ୍ ଏବଂ ବ୍ରେକ କରି ପାରିବ । ଚାଳକ ଚାହିଁଲେ ଏହାର ଗତି ଶୀଘ୍ର ବଢାଇ ପାରିବେ ଏବଂ କମାଇ ପାରିବେ । ଦ୍ୱିତୀୟ ଅମୃତ ଭାରତ ଏକ୍ସପ୍ରେସ୍‌ରେ ସବୁ କୋଚ ସାଧାରଣ କୋଚ ଥିବାବେଳେ କବଚ ଭାରତ ଏକ୍ସପ୍ରେସ ପରି ଯାତ୍ରୀଙ୍କ ପାଇଁ ଅତ୍ୟାଧୁନିକ ସୁବିଧା ରହିଛି । ଯାତ୍ରୀଙ୍କ ପାଇଁ ମୋବାଇଲ ଚାର୍ଜ ବ୍ୟବସ୍ଥା ଥିବାବେଳେ ପାଣି ବୋତଲ ରଖିବା, ଖାଦ୍ୟ ଖାଇବା ପାଇଁ ଫୋଲଡିଂ ଟେବୁଲ ଏବଂ ଉନ୍ନତ ଶୌଚାଳୟ ଉପଲବ୍ଧ । ଶୌଚାଳୟରେ କମ ପାଣି ଖିପରି ବ୍ୟବହାର କରାଯାଇ ପାରିବ ସେ ସୁବିଧା ରହିଛି । ଏଲଇଡି ଆଲୋକ ସଂଯୋଗ ବ୍ୟବସ୍ଥା ଥିବାବେଳେ ଜିନିଷପତ୍ର ରହୁଥିବା ସ୍ଥାନରେ ସିସିଟିଭି କ୍ୟାମେରା ସଂଯୋଗ କରାଯାଇଛି ।

## ବିଶ୍ୱସ୍ତରୀୟ ହେବ ନନ୍ଦନକାନନ ପ୍ରାଣୀ ଉଦ୍ୟାନ

### ଲୋକାର୍ପିତ ହେଲା ଓ୍ୱାଲାବି ଖୁଆଡ଼

ଭୁବନେଶ୍ୱର, ୨୯/୧୨ (ନି/ପ୍ର): ଓଡ଼ିଶାବାସୀଙ୍କ ପାଇଁ ଖୁସି ଖବର । ବିଶ୍ୱସ୍ତରୀୟ ହେବ ନନ୍ଦନକାନନ । ଆଜି ନନ୍ଦନକାନନ ପ୍ରାଣୀ ଉଦ୍ୟାନର ୬୪ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ ଏନେଇ ସୂଚନା ଦିଆଯାଇଛି । ଏହି ପ୍ରତିଷ୍ଠା ଦିବସ ଅବସରରେ ଜଟଣୀ ବିଧାୟକ ସୁରେଶ ରାଉତରାୟ, ଜଙ୍ଗଲ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ବନ୍ୟ ପ୍ରାଣୀ ପିସିସିଏଫ୍‌ଙ୍କ ସହ ଅନ୍ୟ ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ । ୧୯୬୦ ମସିହାରେ କିଛି ଜୀବଜନ୍ତୁଙ୍କୁ ନେଇ ଆରମ୍ଭ ହୋଇଥିବା ନନ୍ଦନକାନନରେ ବର୍ତ୍ତମାନ ୨୨୦ ଖୁଆଡ଼ରେ ୧୬୩ ପ୍ରଜାତିର ୪୧୭୫ ଜୀବଜନ୍ତୁ ରହିଛନ୍ତି । ଆଗାମୀ ବର୍ଷ ଭିତରେ



ନନ୍ଦନକାନନକୁ ବିଶ୍ୱସ୍ତରୀୟ କରାଯିବା ନେଇ ରାଜ୍ୟ ସରକାର ଲକ୍ଷ ରଖିଛନ୍ତି । ତେଣୁ ଆଗାମୀ ୮ରୁ ୧୦ ମାସ ଭିତରେ ନନ୍ଦନକାନନର ରୂପରେଖ ବଦଳିଯିବ ବୋଲି କହିଛନ୍ତି ଜଙ୍ଗଲ ପରିବେଶ ମନ୍ତ୍ରୀ । ସେଥିପାଇଁ ନନ୍ଦନକାନନ ଚନ୍ଦକା ଜଙ୍ଗଲକୁ ସମ୍ପ୍ରସାରଣ ପାଇଁ ରାଜ୍ୟ ସରକାରଙ୍କ ପ୍ରସ୍ତାବିତ ମାଷ୍ଟରପ୍ଲାନ ଉପରେ ପ୍ରାଣୀ ଉଦ୍ୟାନ କର୍ତ୍ତୃପକ୍ଷ ମୋହର ମାରିଛନ୍ତି । ଏହି ପ୍ରତିଷ୍ଠା ଦିବସ ଉପଲକ୍ଷେ ଓ୍ୱାଲାବି ଖୁଆଡ଼ ସହ କାସୁଆରୀ ପକ୍ଷୀ ପାଇଁ ସ୍ୱତନ୍ତ୍ର ଏନକ୍ଲୋଜର ଏବଂ ଅଷ୍ଟ୍ରିଚ ଖୁଆଡ଼ ଓ ରୋପୱେ କୋଲାର୍ପିତ କରିଛନ୍ତି ଜଙ୍ଗଲ ପରିବେଶ ମନ୍ତ୍ରୀ ପ୍ରତାପ ଅମାତ । ଖୁବ୍ ଶୀଘ୍ର ନାଇଟ୍ ସଫାରି ଆରମ୍ଭ ହେବା ନେଇ ସୂଚନା ମିଳିଛି ।

## କମିଶନରେଟ୍ ପୁଲିସକୁ ବଡ ସଫଳତା

### ଘରେ ପଶି ଲୁଟ୍ ମାମଲାରେ ୪ ଗିରଫ

ଭୁବନେଶ୍ୱର, ୨୯/୧୨(ନି/ପ୍ର): ଶୁକ୍ରବାର କମିଶନରେଟ୍ ପୁଲିସକୁ ବଡ ସଫଳତା ମିଳିଛି । ଷ୍ଟେସଲ୍ ଷ୍ଟାର୍ଟ ଏବଂ ନୟାପଲ୍ଲୀ ଥାନା ପୁଲିସ ଘରେ ପଶି ଲୁଟ୍ ମାମଲାରେ ୪ ଜଣଙ୍କୁ ଗିରଫ କରିଛି । ଏହାସହ ଘଟଣାର ତଦନ୍ତ ଜାରି ରହିଛି । ଗିରଫ ଅଭିଯୁକ୍ତଙ୍କ ନିକଟରୁ ବହୁ ପରିମାଣରେ ସୁନା, ରୁପା ଅଳଙ୍କାର ସହ ପିତଳ ଜିନିଷ ଜବତ ହୋଇଛି । ଲୁଟରେ ବ୍ୟବହୃତ ସାମଗ୍ରୀ ମଧ୍ୟ ଜବତ୍ କରାଯାଇଛି । ଉକ୍ତ ଅଭିଯୁକ୍ତମାନେ ରାତିରେ ଘର ଡାଲା ଭାଙ୍ଗି ଲୁଟ୍ କରୁଥିଲେ । ଏନେଇ ଡିସିପି ପ୍ରତୀକ ସିଂ ସାମ୍ବାଦିକ ସମ୍ମିଳନୀରେ ପ୍ରତିକ୍ରିୟା ରଖିବେ ବୋଲି ସୂଚନା ମିଳିଛି ।

## ରାମ ମନ୍ଦିର ସମାରୋହରେ ଯୋଗ ଦେଇପାରନ୍ତି ସୋନିଆ !

ନୂଆଦିଲ୍ଲୀ, ୨୯/୧୨: ରାମ ମନ୍ଦିରର ପ୍ରାଣ ପ୍ରତିଷ୍ଠା କାର୍ଯ୍ୟକ୍ରମରେ ଯୋଗ ଦେଇପାରନ୍ତି କଂଗ୍ରେସର ପୂର୍ବତନ ସଭାପତି ସୋନିଆ ଗାନ୍ଧି । ବଳୀୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ସେ ଜାନୁଆରୀ ୨୨ରେ ଅଯୋଧ୍ୟାରେ

ହେବାକୁ ଥିବା ପ୍ରାଣ ପ୍ରତିଷ୍ଠା କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଯାଉଛନ୍ତି । ରାମଲଲାଙ୍କ ପ୍ରାଣ ପ୍ରତିଷ୍ଠା କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେଙ୍କ ସମେତ ଅନେକ କଂଗ୍ରେସ ନେତାଙ୍କୁ ନିମନ୍ତ୍ରଣ ପଠାଯାଇଛି । ତେବେ ରାମ ମନ୍ଦିରରେ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ କେଉଁ କଂଗ୍ରେସ ନେତା ଯୋଗଦେବେ ତାହା ଏପର୍ଯ୍ୟନ୍ତ ଆନୁଷ୍ଠାନିକ ଭାବେ ସ୍ପଷ୍ଟ ହୋଇନାହିଁ । ଆଗାମୀ ଲୋକସଭା ନିର୍ବାଚନକୁ ଦୃଷ୍ଟିରେ ରଖି କଂଗ୍ରେସ ଏଭଳି ନିଷ୍ପତ୍ତି ନେଇଥିବା ଅନୁମାନ କରାଯାଉଛି ।ରାମ ମନ୍ଦିର ନିର୍ମାଣ ସମାରୋହରେ ବଳର ଶୀର୍ଷ ନେତାମାନେ ଯୋଗଦେବେ କି ନାହିଁ ସେ

### ଘନକୁହୁଡ଼ି ଯୋଗୁଁ ଗୁ.ଉଦୟଗିରି ଅଞ୍ଚଳରେ ଯାତାୟତ ବାଧାପ୍ରାପ୍ତ

ଗୁ.ଉଦୟଗିରି, ୨୯/୧୨ (ନି/ପ୍ର): ଚଳିତ ବର୍ଷ ବିଳମ୍ବରେ ଶୀତର ଆଗମନ ସାଙ୍ଗକୁ ପ୍ରବଳ ଜାଡ଼ ସାରା ଅଞ୍ଚଳରେ ଜନଜୀବନ ଅସ୍ତବ୍ୟସ୍ତ କରିଚାଲିଥିବା ବେଳେ ଜିଛି ଦିନ ହେଲା କୁହୁଡ଼ି ଜଳବଳ କରୁଛି । ରାସ୍ତାରେ ଗାଡ଼ିଗୁଡ଼ିକର ଚାଳକମାନେ ନିଜ ଜୀବନକୁ ବାଜି ଲଗେଇ ପ୍ରବଳ କୁହୁଡ଼ିରେ ଯାତାୟତ କରୁଥିବା ଦେଖିବାକୁ ମିଳିଛି ।ସତ୍ତ୍ୱ ନଜଁଳେ କୁହୁଡ଼ିର ବଳୟ ଆରମ୍ଭ ହୋଇଯାଇଥାଏ । ସକାଳ ୯ଟା ବାଜିଲେ ସୂର୍ଯ୍ୟଙ୍କ ଦର୍ଶନ ମିଳେ । କୁହୁଡ଼ିର ମାତ୍ରାରେ ପଡୁଛି ଯେ ସମ୍ମୁଖରେ ଆସୁଥିବା ବ୍ୟକ୍ତି ହେଉଛି ଗାଡ଼ି ଜଣାପଡୁନଥିବା ଯୋଗୁଁ ଗାଡ଼ିଚାଳନାରେ ସମସ୍ୟା ସୃଷ୍ଟି ହେଉଛି ।ଅନ୍ୟପକ୍ଷରେ ସ୍ଥାନୀୟ ଅଞ୍ଚଳରେ ଶୀତର ଲହରି ଜାରି ରହିଛି । ଦୀର୍ଘ ଦିନ ହେଲା ୧୦ଡିଗ୍ରି ତଳେ ପାରଦ ରହୁଥିବା ବେଳେ ଗତ ଦୁଇ ଦିନ ହେଲା

## ଦିନିକିଆ ଜମ୍ମୁ ଗସ୍ତରେ କେନ୍ଦ୍ରମନ୍ତ୍ରୀ

### ଜମ୍ମୁ-କାଶ୍ମୀରରେ ସ୍କୁଲ ଶିକ୍ଷା ସହ ସମଗ୍ର ଶିକ୍ଷା ଭିତିଭୂମିକୁ ମଜବୁତ୍ କରାଯାଉଛି :ଧର୍ମେନ୍ଦ୍ର ପ୍ରଧାନ

ଜମ୍ମୁ,୨୯/୧୨: ଜମ୍ମୁ-କାଶ୍ମୀରରେ ସ୍କୁଲ ଶିକ୍ଷା ସହ ଉଚ୍ଚ ଶିକ୍ଷା ଭିତିଭୂମିକୁ ମଜବୁତ୍ କରାଯାଉଛି । ନୂଆ ନୂଆ ଶିକ୍ଷାନୁଷ୍ଠାନ ଖୋଲାଯିବା ସହ ପିଏମ ଶ୍ରୀ ସ୍କୁଲ ବିକଶିତ କରାଯାଉଛି । ୩୭୦ ଧାରା ଉଚ୍ଛେଦ ହେବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଏହି ଅଞ୍ଚଳରେ ବିକାଶର ଧାରା ତ୍ୱରାନ୍ୱିତ ହେଉଛି ବୋଲି ବିନିକିଆ ଜମ୍ମୁ ଗସ୍ତରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଗୁରୁବାର କେନ୍ଦ୍ରମନ୍ତ୍ରୀ ଶ୍ରୀ ମାତା ବୈଷ୍ଣ ଦେବୀ ବିଶ୍ୱବିଦ୍ୟାଳୟର ନବମ ସମାବର୍ତ୍ତନ ସମାରୋହରେ ଯୋଗଦେବା ସହ ଆଇଆଇଟି ଜମ୍ମୁରେ 'ବିକଶିତ ଭାରତ' ନେଇ ଥିବା କଳ୍ପନା ଏବଂ ବୁଦ୍ଧିମତା ଉପରେ ଛାତ୍ରଛାତ୍ରୀ ଓ ପ୍ରାଧ୍ୟାପକଙ୍କ ସହ ଆଲୋଚନା କରିଛନ୍ତି । ଶ୍ରୀ ପ୍ରଧାନ ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସୁଶାସନ, ସମାଜର ଅନ୍ତିମ ଶ୍ରେଣୀରେ ଥିବା ଲୋକ ମାନଙ୍କୁ ପ୍ରାଥମିକତା ଉପରେ ଆଲୋଚନା କରିଥିଲେ । ଏହା ସହ ସବକା ସାଥ୍- ସବକା ବିକାଶ, ସବକା ପ୍ରୟାସ-ସବକା ବିକାଶର ମଡେଲ ଉପରେ ଆଲୋଚପାତ କରିବା ସହ ଜାତୀୟ ଶିକ୍ଷା ନୀତିରେ ମାତୃଭାଷାକୁ ପ୍ରାଧାନ୍ୟ ଦିଆଯିବା, ଭାରତୀୟତାରୁ ପ୍ରେରିତ ହେବା ଓ ଆତ୍ମବିଶ୍ୱାସ ବଢାଇବା ଉପରେ ମତ ରଖିଥିଲେ । ୨୦୧୪ ପରେ ବ୍ୟାପକ ସଂସ୍କାର କାରଣରୁ ପଲିସି ପାରାଲେସିସର ଯୁଗରୁ ଭାରତ ଏବେ ବିଶ୍ୱର ପଂମ ବୃହତ୍ତମ ଅର୍ଥନୀତି ଭାବେ ପରିଣତ ହୋଇଛି । ପ୍ରଧାନମନ୍ତ୍ରୀଙ୍କ ଜନକଲ୍ୟାଣକାରୀ ମଡେଲ ସମସ୍ତଙ୍କ ପାଇଁ ଏକ ଅଧ୍ୟୟନର ବିଷୟ । ଜମ୍ମୁ କାଶ୍ମୀରରେ ଥିବା ଅପାର ସମ୍ଭାବନା ଏବଂ ସ୍ୱତନ୍ତ୍ରତା ଉପରେ ବାର୍ଗ ସମୟ ଧରି ଗବେଷଣା କରିବା ପାଇଁ ଆଇଆଇଟି ଜମ୍ମୁକୁ ପରାମର୍ଶ ଦେଇଥିଲେ । ଆଗାମୀ ୨୫ ବର୍ଷ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସମସ୍ତଙ୍କ ସହଯୋଗ ବଳରେ ହିଁ ଆମେ ବିକଶିତ ଭାରତର ଲକ୍ଷ୍ୟକୁ ପୂରଣ କରିପାରିବା । ଶ୍ରୀ ପ୍ରଧାନ ମାତା ବୈଷ୍ଣ ଦେବୀ ବିଶ୍ୱବିଦ୍ୟାଳୟର ନବମ ସମାବର୍ତ୍ତନ ସମାରୋହରେ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଆଜି ଯେତେବେଳେ ବିଦ୍ୟାର୍ଥୀମାନେ ସମାଜ ଜୀବନରେ ଦାୟିତ୍ୱ ନେବେ, ସେମାନେ ଜମ୍ମୁ କାଶ୍ମୀରର ଐତିହ୍ୟକୁ ସାଙ୍କରେ ନେଇ ଆଗକୁ ବଢିବେ ବୋଲି ସେ କହିଥିଲେ । ଏହି କାର୍ଯ୍ୟକ୍ରମରେ ଜମ୍ମୁର ଉପରାଜ୍ୟପାଳ ମନୋଜ ସିହ୍ନା ଉପସ୍ଥିତ ଥିଲେ । ଉଲ୍ଲେଖନୀୟ, ଏହି ସମ୍ଭାଳରେ କେନ୍ଦ୍ରମନ୍ତ୍ରୀ ଜମ୍ମୁ ସ୍ଥିତ ବୈଷ୍ଣ ଦେବୀ ମନ୍ଦିରରେ ଦର୍ଶନ ସହ ପୂଜାର୍ଚ୍ଚନା କରିଥିଲେ ।


**ଆବଶ୍ୟକ**

**The Utkal Samachar**

www.theutkalsamachar.com

ଦୈନିକ 'ଉତ୍କଳ ସମାଚାର' ର ବୌଦ୍ଧ, ସୋନପୁର, ବଲାଙ୍ଗୀର, ଝାରସୁଗୁଡ଼ା ଜିଲ୍ଲା ପାଇଁ ଜିଲ୍ଲା ତଥା ବ୍ଲକସ୍ତରୀୟ ସାମ୍ବାଦିକ ଆବଶ୍ୟକ । ଇଚ୍ଛୁକ ପ୍ରାର୍ଥୀ ନିମ୍ନ ଠିକଣାରେ ଯୋଗାଯୋଗ କରିପାରିବେ ।

Adress:Qrs No:B/204, Sec-16,Rourkela

Mob:9692048008

email-utkalsamachar@gmail.com

କେନ୍ଦୁଝର ସମାଚାର
A.R. KHAN
ARKMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax : [06767] 255816
Email : utkalsamachar@gmail.com, Mob : 9437066122

# ସ୍ମାରକୀ ଜାତୀୟ ନାଟକ ମହୋତ୍ସବ - ୨୦୨୩ର ଦ୍ୱିତୀୟ ସନ୍ଧ୍ୟା ମଞ୍ଚସ୍ଥ ହେଲା ନାଟକ 'ପ୍ରେମ ପତଙ୍ଗ'

ଭବାନୀପାଟଣା, ୨୯/୧୨ (ନି/ପ୍ର): 'ସ୍ମାରକୀ ନାଟ୍ୟ ସଂସ୍ଥା' ତରଫରୁ ସ୍ଥାନୀୟ ଟାଉନ୍ ହଲ୍ ଠାରେ ନାଟ୍ୟରତ୍ନୀ ପ୍ରଫୁଲ୍ଲ ରଥ ସ୍ମାରକୀ ଜାତୀୟ ନାଟକ ମହୋତ୍ସବ - ୨୦୨୩ ଅନୁଷ୍ଠିତ ହୋଇଯାଇଛି। ଆଜିକାର ଦ୍ୱିତୀୟ ସନ୍ଧ୍ୟାରେ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ନାଟ୍ୟଶିଳ୍ପୀ ନିର୍ମଳ ମହାନ୍ତି, ସତ୍ୟନାରାୟଣ ସିଂହ, ନାଟ୍ୟକାର ଅଶୋକ ପାତ୍ର, ବରିଷ୍ଠ ଅଭିନେତା ଜଗନ୍ନାଥ ମୁଣ୍ଡ ଏବଂ ଓଡିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ଶ୍ରୀ ପ୍ରବୋଧ ରଥ ପ୍ରମୁଖ ଯୋଗଦେଇ ଉଦବୋଧନ ଦେଇଥିଲେ। ଆଜି ସନ୍ଧ୍ୟାରେ ମଞ୍ଚସ୍ଥ ହୋଇଥିଲା ନାଟକ 'ପ୍ରେମ ପତଙ୍ଗ'। ମୁରାରୀ ବିଲ୍ଲୀ



ବିଶ୍ୱବିଦ୍ୟାଳୟରେ ପଢ଼େ। ସେ ନିଜ କ୍ୟାରିୟର ଏବଂ ପ୍ରେମର ଭାବନା ମଧ୍ୟରେ ହଜିଯାଏ, ଯାହା ଏହି ସୁଗରେ ସ୍ୱାଭାବିକ ଭାବରେ ଘଟେ। ତାଙ୍କ ସାଙ୍ଗମାନଙ୍କ ସହିତ ମିଶି ମୁରାରୀ ବେଦିକା ପ୍ରତି ତାଙ୍କର ପ୍ରେମ ନିବେଦନ ଜଣାଇଛି ଏବଂ ସ୍ୱୀକୋରୋକ ସମ୍ମତି ପରେ ଚାକିରୀ ପାଇବା ପାଇଁ 'ଜ୍ୟାକ୍' ସହିତ ସଂଘର୍ଷ କରିଛି। ସଂଗ୍ରାମରି ବ୍ୟକ୍ତିଗତ, ଶେଷରେ ମୁରାରୀ ନିଜକୁ ଏପରି ପରିସ୍ଥିତିରେ ପାଇଛି, ଯେଉଁଥିରେ ଉଭୟ ହାସ୍ୟରସ ଏବଂ ଭାବପ୍ରବଣତା ଅଛି। ଏହି ବିଷୟବସ୍ତୁକୁ ନେଇ ପ୍ରଦର୍ଶିତ ହୋଇଥିଲା ବିଜାନ ଡ୍ରାମା ଥ୍ରାଲର୍ସ, ଭୋପାଲର ନାଟକ 'ପ୍ରେମ ପତଙ୍ଗ'। ଏହି ନାଟକକୁ ଯୁବ ନାଟ୍ୟକାର ବିମଳ ଚନ୍ଦ୍ର ପାଣ୍ଡେ ରଚନା କରିଥିବା ବେଳେ ନିର୍ଦ୍ଦେଶନା ଦେଇଥିଲେ ସୌରଭ ଅନନ୍ତ। ଏଥିରେ ଶ୍ରେଣା କେଡକର, ଅଙ୍କିତ ପରୋଚେଙ୍କ, ଶୁଭମ କଡିୟାର, ଅଂଶ ଯୋଶୀ, ବୁଦ୍ଧାଶ ଭଇୟେର, ଲକ୍ଷ୍ମୀ ଗୋସ୍ୱାମୀ, ସ୍ୱେତା ବଣ୍ଡେ, ଜିଆ ମୁଖେଁଗିଆ, ଅମିତ ମିଶ୍ର, ଦୀପକ ୟାଦବ, ଜୈକୋଶ ରାଜୁଇଙ୍କ, ମିଲନ ୟାଦବ ପ୍ରମୁଖ ଅଭିନୟ କରିଥିଲେ। ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ ହେମନ୍ତ ଦେଓଲେକାଁ। ଆଲୋକରେ ସୌରଭ ଅନନ୍ତ ଥିବାବେଳେ ବାଦ୍ୟଯନ୍ତ୍ରରେ ତେଜଶ୍ରେଣା ଅନନ୍ତ ସହାୟତା କରିଥିଲେ। ନାଟକଟି ବେଶ୍ ମନମୁଗ୍ଧକର ହେବାସହ ଦର୍ଶକଙ୍କୁ ବାନ୍ଧି ରଖିଥିଲା। ଗୋଜନ୍‌ହଲ୍‌ରେ ଅଗ୍ରଣିତ ଦର୍ଶକଙ୍କ ଭିଡ ଏବଂ ଅଜସ୍ର କରତାଳି ଅଭିନେତାଙ୍କୁ ଆହୁରି ଉତ୍ସାହିତ କରିଥିଲା। ଆଜିର କାର୍ଯ୍ୟକ୍ରମରେ ବିଶିଷ୍ଟ ନାରାୟଣ ମୁଣ୍ଡ ମଞ୍ଚ ପରିଚାଳନା କରିଥିଲେ। ଏଥିରେ ସୌରଭ ମହାପାତ୍ର, ଆଲୋକ କୁମାର ସାହୁ, ରାମେଶ୍ୱର ତ୍ରିପାଠୀ, ମୁଶାଲ ଆଚାର୍ଯ୍ୟ, ଶୁଭମ୍ ବେହେରା, ତଥାଗତ ମିଶ୍ର, ସୌମ୍ୟ ରଂଜନ କେନା, ଶିବଶକ୍ତି ପୁରୋହିତ, ବିକାଶ ରଞ୍ଜନ ମୁଣ୍ଡ, ଅମରେନ୍ଦ୍ର ମହାନ୍ତି, ଅବିନାଶ ଅମସ୍ତି, ଦୀପକ ଶର୍ମା, ଗୋପିଚାନ ନାୟକ, ପୁଷ୍ପାଞ୍ଜଳି ଦାସ, ଲିପ୍ସା ମହାରଣା, ପ୍ରଜ୍ଞା ପରିମିତା ନାୟକ, ଲିପ୍ସାରାଣୀ ବାରିକ, ମାନସୀ ନାୟକ, ଦୀପକ ଶର୍ମା ପ୍ରମୁଖ ସହଯୋଗ କରିଥିଲେ।

# ଆନନ୍ଦ ଉଲ୍ଲାସର ସହ ସଦର ମହୋତ୍ସବ ଉଦଯାପିତ

ଯାଜପୁର, ୨୯/୧୨ (ନି/ପ୍ର): ଯାଜପୁର ବ୍ଲକ କବିର ପୁର ଦଶହରା ପଡ଼ିଆରେ ଗତ ତା ୧୭/୧୨/୨୦୨୩ ରିଖ ଠାରୁ ଆରମ୍ଭ ହୋଇଥିବା ସଦର ମହୋତ୍ସବ ଉଦଯାପିତ ହୋଇଯାଇଛି। ଦୀର୍ଘ ୭ଦିନ ଧରି ଚାଲିଥିବା ମହୋତ୍ସବର ପ୍ରତ୍ୟେକ ସନ୍ଧ୍ୟାରେ ବିଭିନ୍ନ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମରେ ଓଡ଼ିଶାର କଳା ସଂସ୍କୃତି ଓ ପାରମ୍ପରିକ ଲୋକନୃତ୍ୟ, ପାଇକ ଆଖଡ଼ା, ଓଡ଼ିଶୀ, ଆଧୁନିକ ନୃତ୍ୟ ସାଂଗକୁ ଓଡ଼ିଶାର ଖ୍ୟାତନାମା ଲୋକପ୍ରିୟ କଣ୍ଠଶିଳ୍ପୀ ସୌରଭ ନାୟକ, ଶିଖା ତ୍ରିପାଠୀ, ସୁନିଲ କୁମାର, ଇରା ମହାନ୍ତି, ନିହାର ରଞ୍ଜନ, ମହମ୍ମଦ ନାସିର, ଶକ୍ତି ମିଶ୍ରଙ୍କ କଣ୍ଠର ଯାଦୁରେ ଦର୍ଶକ ଭରପୁର ମଜା ଉଠାଇଥିଲେ। ବଚିତ ବର୍ଷର ସାଜ ସଜା ଓ ରଙ୍ଗ ବେରଙ୍ଗର ଆଲୋକମାଳା ସାଂଗକୁ ଠାକୁର ଲକ୍ଷ୍ମୀନାରାୟଣଙ୍କଙ୍କ ପୂଜା ମଣ୍ଡପ ଦର୍ଶକ ମାନଙ୍କୁ ଆକର୍ଷିତ କରିଥିଲା ।ଉଦଯାପନୀ ଉତ୍ସବରେ ସମାଜସେବୀ ବ୍ରଜକିଶୋର ପାଢ଼ାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ବିଜୁ ଜନତା ଦଳର ସାଧାରଣ ସମ୍ପାଦକ ତଥା ବରିର ଯୁବ ନେତା ବିଶ୍ୱମଂଜନ ମଲ୍ଲିକ ଯୋଗଦେଇ ସଦର ମହୋତ୍ସବର ଆୟୋଜକଙ୍କୁ ଭୂୟସୀ ପ୍ରଶଂସା କରିବା ସହ ଅନୁଷ୍ଠାନର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ।ଏହି ମହୋତ୍ସବକୁ ଶୃଙ୍ଖଳିତ ତଥା ସରସ ସୁନ୍ଦର କରିବାରେ ସଭାପତି ବିଜୟ ପାଢ଼ା, ସମ୍ପାଦକ ମୋହନ ସୁନ୍ଦର୍ ରାଉତ୍, ମାଧବ ମାଝି, ରଞ୍ଜନ ପାଢ଼ା, ବିଭୂତି ଭୂଷଣ ନାୟକ, ବିଜୟ ମହାନ୍ତି, ବଳଭଦ୍ର ରାଉତ୍, ବାବଲ ରାଉତ୍, ସୁଧାଂଶୁ ସାମଲ, ଅଶୋକ ସାମଲ, ରାଜେନ୍ଦ୍ର ବେହେରା, ବଗୁଆଁ ସରପଞ୍ଚ ଅମାନାର ବଗଜେନା, ଜମଧର ସରପଞ୍ଚ ବାବଲ ଖୁଣ୍ଟିଆ, ମହେଶ୍ୱର ପୁର ସରପଞ୍ଚ ସୁଜିତ୍ ରାୟ, ଜିଲ୍ଲା ପରିଷଦ ସଭ୍ୟଙ୍କ ସୁନୀତା ରାଉତ୍, ସମିତି ସଭ୍ୟଙ୍କ ସୁରିନେଖ ସାମଲ ପ୍ରମୁଖ ଦିନରାତି ଏକ କରି ସହଯୋଗ କରିଥିଲେ ।

# ରାୟଗଡ଼ା ବିଜୁ ପ୍ରିମିୟର୍ ଲିଗ୍ ସିଜନ୍-୨ ନାଇଟ୍ କ୍ରିକେଟ୍ ଟୁର୍ନାମେଣ୍ଟ ୨୦୨୩

ରାୟଗଡ଼ା ,୨୯/୧୨ (ନି/ପ୍ର): ରାୟଗଡ଼ା ସହର ରାଣିଗୁଡା ଫାର୍ମ ଠାରେ ବିଜୁ ପ୍ରିମିୟର୍ ଲିଗ୍ ସିଜନ୍-୨ ନାଇଟ୍ କ୍ରିକେଟ୍ ଟୁର୍ନାମେଣ୍ଟ ୨୦୨୩ ଗତ ୧୬ ତାରିଖ ଠାରୁ ଆରମ୍ଭ ହୋଇ ୭ ଦିନ ବ୍ୟାପୀ ଚାଲିବା ସମାପନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଜୁ ଯୁବ ଜନତା ଦଳର ରାଜ୍ୟ ଉପସଭାପତି ଶ୍ରୀ ଦେବାଶିଷ ଖାଡ଼ଙ୍ଗାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଏବଂ ଡେଥ ଖ୍ୱାରିୟର୍ସ ମ୍ୟାନେଜମେଣ୍ଟ ର ମିଳିତ ସହଯୋଗରେ ରାୟଗଡ଼ା ଜିଲ୍ଲା ସଦର ମହକୁମା ଠାରେ ବିଜୁ ଜନତା ଦଳ ପକ୍ଷରୁ ରାତ୍ରୀ କାଳୀନ କ୍ରିକେଟ ଟୁର୍ନାମେଣ୍ଟ ର ଆୟୋଜନ ହୋଇଥିଲା । ଏହି ନାଇଟ ଟୁର୍ଣ୍ଣାମେଣ୍ଟରେ ମୋଟ ୧୦ ଗୋଟି ଟିମ ଭାଗ ନେଇଥିଲେ । ପ୍ରତ୍ୟେକ ଦିନ

ସନ୍ଧ୍ୟାରେ ନିମନ୍ତିତ ଅତିଥି ମାନଙ୍କ ଦ୍ୱାରା ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ବାବୁଙ୍କ ଫୋଟ ଚିତ୍ରରେ ପ୍ରଦୀପ ପ୍ରଜ୍ୱଳନ ପରେ ମେଚର ଆରମ୍ଭ ହେଇଥିଲା। ଗତକାଲି ଫାଇନାଲ ମେଚରେ ମୁଖ୍ୟ ଅତିଥି ଭାବେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଉପଦେଷ୍ଟା ସୁଧୀର ଦାଶ , ଅନ୍ୟତମ ଅତିଥିଭାବେ ରାୟଗଡ଼ା ବିଧାୟକ ମଳୟନ୍ତ ମୁଦୁଲି, ପୌରପରିଷଦ ଉପାଧ୍ୟକ୍ଷ ଶୁଭ୍ରା ପଣ୍ଡା ,କୋଲନରା ବ୍ଲକ କ ଜୋନ ଜିଲ୍ଲାପରିଷଦ ସଦସ୍ୟ ଧବଳେଶ୍ୱର ନାଇକୁ ପ୍ରମୁଖ ଯୋଗ ଦେଇଥିଲେ। ଗତକାଲି ଫାଇନାଲ ମେଚରେ ଇଂଲ୍ଲେଟିକଲ ଏବଂ ଜଖ୍ୟାନ ନାଇଟ ରାଇଡର୍ସ ମଧ୍ୟରେ ଖେଳ ହୋଇଥିବା ବେଳେ ଇଂଲ୍ଲେଟିକ ଜିତେତା ଏବଂ ଜଖ୍ୟାନ ନାଇଟ ରାଇଡର୍ସ ରନର ହୋଇଥିଲେ।ବିଜେତା ଟିମ କୁ ୫୦୦୦୦ ଟଙ୍କା ଏବଂ ରନର ଟିମକୁ ୩୦୦୦୦ ଟଙ୍କା ପୁରସ୍କାର ରାଶି ସହ ଟ୍ରଫି ପ୍ରଦାନ କରାଯାଇଛି। ଏହା ଦ୍ୱାରା ଯୁବ ବର୍ଗଙ୍କୁ କ୍ରୀଡା କ୍ଷେତ୍ରରେ ଉତ୍ସାହିତ କରିବା ପାଇଁ ବିଗତ ବର୍ଷ ଠାରୁ ଏହିଭଳି ରାତ୍ରୀ କାଳୀନ କ୍ରିକେଟ ଟୁର୍ନାମେଣ୍ଟର ଆୟୋଜନ କରାଯାଉଛି ବୋଲି ଶ୍ରୀ ଖାଡ଼ଙ୍ଗା ନିଜ ମନ୍ତବ୍ୟରେ କହିଛନ୍ତି। ଏହି କାର୍ଯ୍ୟକ୍ରମକୁ ବିଜୁ ଯୁବ ଜନତାଦଳ

# ଷଷ୍ଠ ସଂସ୍କରଣ UPL ଖେଳ ଉଦଯାପିତ

ଉମରକୋଟ, ୨୯/୧୨ (ନି/ପ୍ର): ଷଷ୍ଠ ସଂସ୍କରଣ ବିଜୁ ଜମରକୋଟ ପ୍ରିମିୟମ ଲିଗ ଆଜି ଶେଷ ହୋଇଯାଇଛି। ଏହି ଖେଳ ପ୍ରତିଯୋଗିତା ରେ ମୋଟ ୨୨ଟି ଦଳ ଅଂଶଗ୍ରହଣ କରିଥିବାବେଳେ ଫାଇନାଲରେ ସୂର୍ଯ୍ୟା ୧୧ ସହ ଝାରସୁଗୁଡା ଲିଟିଲ ଷ୍ଟାର ମଧ୍ୟରେ ଖେଳାଯାଇଥିଲା। ଝାରସୁଗୁଡା ଲିଟିଲ ଷ୍ଟାର ଟସ ଜିତି ପ୍ରଥମେ କ୍ଷେତ୍ର ରକ୍ଷଣ ନେଇଥିବାବେଳେ ସୂର୍ଯ୍ୟା ୧୧ ମୋଟ ୨୦ଓଭର ଖେଳି ୧୮୧/୯ଅଂଶଗ୍ରହ କରିଥିଲେ। ଜବାବରେ ବ୍ଲକ ଥକ UPL ବିଜେତା ଝାରସୁଗୁଡା ଲିଟିଲ ଷ୍ଟାର ନିର୍ଦ୍ଧାରିତ ଓଭରରେ ମାତ୍ର ୧୫୦/୯ରନରେ ସୀମିତ ରହି ହେଟ୍ରିକ ବିଜେତା ହେବାର ସୌଭାଗ୍ୟ ମଳିନ ହୋଇ ରହିଗଲା ଏବଂ ଉପ ବିଜେତାରେ ସନ୍ତୁଷ୍ଟ ହେବାକୁ ପଡିଥିଲା। ଉକ୍ତ ପ୍ରତିଯୋଗିତାର କାମରାନ ଖାନ ଫାଇନାଲ ମ୍ୟାଚର ଶ୍ରେଷ୍ଠ ଖେଳାଳିରେ ପୁରସ୍କୃତ ହୋଇଥିବା ବେଳେ ମେନ ଅଫ ଦି ସିରିଜ ମଧ୍ୟ ସୂର୍ଯ୍ୟା ୧୧ଦଳର ଅର୍ଥାତ

ସର୍ବୁକ୍ଷ ଖେଳାଳି ଜାମରାନ ଖାନଙ୍କୁ ୧୫୧୫୧/ଟଙ୍କା ଓ ଟ୍ରଫି ଦେଇ ପୁରସ୍କୃତ କରାଯାଇଥିଲା। ଏହି ପ୍ରତିଯୋଗିତାରେ ପୁରସ୍କାର ବିତରଣ ଉତ୍ସବରେ କେବିନେଟ ମନ୍ତ୍ରୀ ଜଗନ୍ନାଥ ସାରକା ଉପସ୍ଥିତ ରହି ବିଜେତା ଦଳକୁ ୭୭୭୭୭/ଟଙ୍କା ସହ ଟ୍ରଫି ଓ ଉପ ବିଜେତା ଦଳକୁ ୫୫୫୫୫/ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। ଏହି ଉଦଯାପନୀ ଉତ୍ସବ ରେ କେବିନେଟ ମନ୍ତ୍ରୀ ଜଗନ୍ନାଥ ସାରକା ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିବା ବେଳେ ସାଂସଦ ରମେଶ ମାଝୀ, ଝରୀଗାଁ ବିଧାୟକ ପ୍ରକାଶ ମାଝୀ, ବରିଷ୍ଠ ଓକିଲ ତଥା ପୂର୍ବତନ ନଗରପାଳ ଝାଡ଼େଶ୍ୱର ମହାନ୍ତି, ଅର୍ଜୁନ ତ୍ରିପାଠୀ, ସଳିମ ଲାଠିଆ, ପୌରାଧ୍ୟକ୍ଷା ରାଧା ଭତରା, ପ୍ରମୁଖ ମଞ୍ଚାସିନ ଅତିଥି ରୂପେ ଯୋଗ ଦେଇଥିଲେ। ପ୍ରମୋଦ ପାଢ଼ା ମଞ୍ଚ ପରିଚାଳନା କରିଥିଲେ। ସଭାପତି ସୁଧାଂଶୁ ଦାସ, ଉପ ସଭାପତି ଚନ୍ଦନ ବେହେରା, ସମ୍ପାଦକ ଅଭିଳାଷ ପଟନାୟକ, କୋଷାଧ୍ୟକ୍ଷ ତପନ ପାତ୍ର ଏବଂ ଟିମ ବହୁ ସୁବୁଦ୍ଧୁରେ ବିଜୁ ଚଢଖ ଖେଳଟିକୁ ପରିଚାଳନା କରିଥିଲେ।

# ବୁଗୁଡ଼ାବ୍ଲକ ସଙ୍କୁରୁ ଗ୍ରାମ ରୋଜଗାର ସେବକକୁ ଛୁରାରେ ଆକ୍ରମଣ, ମେଡିକାଲ ସ୍ଥାନାନ୍ତର ବେଳେ ମୃତ୍ୟୁ

ବୁଗୁଡ଼ା, ୨୯/୧୨ (ନି/ପ୍ର): ବୁଗୁଡ଼ା ଥାନା ଏବଂ ବୁଗୁଡ଼ା ବ୍ଲକର ଏ କରତାବାଡି ଓ ଶଙ୍କୁରୁ ପଞ୍ଚାୟତରେ କାର୍ଯ୍ୟରତ ଥିବା ଗ୍ରାମରୋଜଗାର ସେବକଙ୍କୁ କର୍ମସ୍ଥ ଗ୍ରାମ ନିକଟରେ ଛୁରାରେ ଆକ୍ରମଣ, ଗୁରୁତର ଆହତ ହୋଇ ବୁଗୁଡ଼ା ମେଡିକାଲରେ ଚିକିତ୍ସିତ ହୋଇ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତରିତ ହୋଇଥିବା ବେଳେ ପୋଲସରା ନିକଟରେ ଗୁରୁତର ହେବା ଯୋଗୁଁ ପୋଲସରା ମେଡିକାଲକୁ ନେଇଥିଲେ ସେଠାରେ ଚିକିତ୍ସା ସମୟରେ ଡାକ୍ତର ମୃତ୍ୟୁ ଘୋଷଣା କରିଥିଲେ। ଘଟଣାରୁ ପ୍ରକାଶ ଯେ ବାଲିପଦର ଫାଣ୍ଡି ଅନ୍ତର୍ଗତ କଳମ୍ବ ଗ୍ରାମ ବାସିନ୍ଦା ଗ୍ରାମରୋଜଗାର ସେବକ ସୁକାନ୍ତ କୁମାର ପାଣିଗ୍ରାହୀ ସେ ଏ କରତାବାଡି ଓ ଶଙ୍କୁରୁ ପଞ୍ଚାୟତରେ ଗ୍ରାମରୋଜଗାର ସେବକ ଭାବେ କାର୍ଯ୍ୟ କରୁଥା ବେଳେ ସେ ଆଜି ସକାଳ ୧୧ ଘଣ୍ଟା ସମୟରେ ନିଜ ଗ୍ରାମ କଳମ୍ବରୁ ବାଇକ୍



ଯୋଗେ ବୁଗୁଡ଼ା ବ୍ଲକ କାର୍ଯ୍ୟାଳୟକୁ ଯାଉଥିବା ସମୟରେ ସେହି ଗ୍ରାମ ନିକଟରେ ଅଜଣା ଦୁର୍ବୃତ୍ତଙ୍କ ଛୁରା ମାଡରେ ଆକ୍ରମଣର ଶିକାର ହୋଇଥିଲେ । ସେଠାରୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଜନସାଧାରଣଙ୍କ ସହଯୋଗରେ ବୁଗୁଡ଼ା ମେଡିକାଲ ନିଆଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା। ଏହି ଦୁଃଖଦ ଖବର ପାଇ ବ୍ଲକ ଅଧିକାରୀ ସନ୍ତୋଷ କୁମାର ଜେନାଙ୍କ ସମେତ ବ୍ଲକର ସମସ୍ତ କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ। କିନ୍ତୁ ରାସ୍ତାରେ ଗୁରୁତର ହୋଇଯିବା ଫଳରେ ପୋଲସରା ମେଡିକାଲକୁ ନେଇଥିଲେ। ଚିକିତ୍ସିତ ପରେ ଡାକ୍ତର ମୃତ୍ୟୁ ଘୋଷଣା କରିଥିଲେ। ଶବକୁ ପୋଲିସ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିବା ବେଳେ ଏହି ଛୁରା ମାଡ କେଉଁ କାରଣରୁ ହୋଇଛି ତାହା ଅସ୍ପଷ୍ଟ ରହିଥିବା ବେଳେ ମେଡିକାଲରେ ପୋଲିସ ପହଞ୍ଚି ଅନୁସନ୍ଧାନ ଜାରୀ ରଖିଛି। ଏହି ଖବର ପାଇ ସ୍ଥାନୀୟ ବିଧାୟକ ଶ୍ରୀକାନ୍ତ ସାହୁ, ବୁଗୁଡ଼ା ବ୍ଲକ ଉପାଧ୍ୟକ୍ଷ ମାନସ ରଞ୍ଜନ ପ୍ରଧାନ ପହଞ୍ଚି ଶେଷ ଦର୍ଶନ କରିଥିଲେ।

# ଉତ୍କଳ ଆଲୁମିନା ପକ୍ଷରୁ ରାୟଗଡା ଶକ୍ତି ବାଳଶ୍ରମର ଶିଶୁମାନଙ୍କୁ ଶୀତ ବସ୍ତ୍ର ବଣ୍ଟନ

ରାୟଗଡ଼ା , ୨୯/୧୨ (ନି/ପ୍ର): ରାୟଗଡ଼ା ଜିଲ୍ଲା ଚିଟିରି ସ୍ଥିତ ଉତ୍କଳ ଆଲୁମିନା (ଅଦିତ୍ୟ ବିର୍ଲା ) ପକ୍ଷରୁ ରାୟଗଡ଼ା ସହର ସାଇ ପ୍ରିୟା ନଗର ସ୍ଥିତ ଶକ୍ତି ସ୍ପେଶ୍ଲା ସେବୀ ଅନୁଷ୍ଠାନ ଦ୍ୱାରା ପରିଚାଳିତ ବାଳଶ୍ରମରେ ରହି ଅଧ୍ୟୟନ କରୁଥିବା ଅନୁସୂଚିତ ଜାତି ବର୍ଗର ୧୦୦ ଜଣ ବିଦ୍ୟାର୍ଥୀ ମାନଙ୍କୁ କମ୍ବଳ ଓ ମିଲ୍ କେରେଜ ବଣ୍ଟନ କରାଯାଇଛି । କମ୍ପାନୀ ପକ୍ଷରୁ କମ୍ପାନୀର ସି.ଏସ.ଆର ଓ ସି.ଆର ବିଭାଗର ଜେନେରାଲ ମ୍ୟାନେଜର ଶ୍ରୀମତୀ ଲୋପାମୁଦ୍ରା ମିଶ୍ର ନିଜେ ଉପସ୍ଥିତ ରହି ବଣ୍ଟନ କରିବା ସହିତ ଶକ୍ତି ସ୍ପେଶ୍ଲା ସେବୀ ଅନୁଷ୍ଠାନ ଦ୍ୱାରା ପରିଚାଳିତ ଦୁଇଗୋଟି ବରିଷ୍ଠ ନାଗରିକ

ଗୃହ ବୁଲି ଦେଖିଥିଲେ ଓ ଶକ୍ତି ଅନୁଷ୍ଠାନର ଏଭଳି କାର୍ଯ୍ୟ ପାଇଁ ଖୁସି ବ୍ୟକ୍ତ କରିଥିଲେ। ଉତ୍କଳ ଆଲୁମିନା ପକ୍ଷରୁ ଏଭଳି ମିଳିତ ସାମାଜିକ ଦାୟିତ୍ୱ ସମ୍ପାଦନ ପାଇଁ ଶକ୍ତି ସ୍ପେଶ୍ଲା ସେବୀ ଅନୁଷ୍ଠାନ ପକ୍ଷରୁ ଉତ୍କଳ ଆଲୁମିନା (ଆଦିତ୍ୟ ବିର୍ଲା) କମ୍ପାନୀ, ଶ୍ରୀମତୀ ଲୋପାମୁଦ୍ରା ମିଶ୍ର ଓ ତାଙ୍କର ସହଯୋଗୀ ମାନଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା ।

# 'ଜାତୀୟ ଗ୍ରାହକ ଦିବସ - ୨୦୨୩' ନିରୀକ୍ଷଣ କାର୍ଯ୍ୟକ୍ରମ

ବ୍ରହ୍ମପୁର, ୨୯/୧୨ (ନି/ପ୍ର) : ସ୍ଥାନୀୟ ସ୍ୱତନ୍ତ୍ର ସର୍କିଟ ହାଉସ ଠାରେ ଖାଦ୍ୟ ବିତରଣ ଓ ଗ୍ରାହକ କଲ୍ୟାଣ ବିଭାଗ ତଥା ମାପ ନିୟନ୍ତ୍ରଣ ବିଭାଗ ମିଳିତ ଆନୁକୂଲ୍ୟରେ 'ଜାତୀୟ ଗ୍ରାହକ ଦିବସ -୨୦୨୩' ନିରୀକ୍ଷଣ କାର୍ଯ୍ୟକ୍ରମରେ ମାନ୍ୟବର ବ୍ରହ୍ମପୁର ସାଂସଦ ଶ୍ରୀଯୁକ୍ତ ଚନ୍ଦ୍ର ଶେଖର ସାହୁ, ବହୁ ସ୍ଥାନୀୟ ନେତୃବୃନ୍ଦ, ଓକିଲ, ବିଭାଗୀୟ ପଦାଧିକାରୀ ମାନଙ୍କ ମଧ୍ୟରେ ରହି ବର୍ଷସାରା ହୋଇଯାଇଥିବା ଖାଦ୍ୟ ସୁରକ୍ଷା ଓ ପରିମାପ ନିୟନ୍ତ୍ରଣ ବିଭାଗର ବାର୍ଷିକ କାର୍ଯ୍ୟକଳାପ ବିଷୟରେ ଆଲୋଚନା କରି

ଆଗାମୀ ଦିନ ମାନଙ୍କରେ ଜନସାଧାରଣଙ୍କ ସ୍ୱାର୍ଥ ଦୃଷ୍ଟିରୁ ଆବଶ୍ୟକୀୟ ଖାଦ୍ୟ ସୁରକ୍ଷା ଆଇନକୁ ଅଧିକରୁ ଅଧିକ କାର୍ଯ୍ୟକାରୀ କରିବା ସହିତ ଆଜି କାଲିର ଡିଜିଟାଲ ଯୁଗରେ ଉଚିତ୍ ମାନର ଖାଦ୍ୟ ଓ ସାମଗ୍ରିକ ପରିମାପ ନିୟନ୍ତ୍ରଣ ତଥା ଗ୍ରାହକ ସୁରକ୍ଷା ଏବଂ ଇ-ବାଣିଜ୍ୟକୁ ପ୍ରାଧାନ୍ୟ ଦେବା ପାଇଁ ବିଭାଗୀୟ ପଦାଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ମାନଗୋବିନ୍ଦ ମଲ୍ଲିକଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀଙ୍କ ଶୋକ ପ୍ରକାଶ

କଟକ : ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ମାନଗୋବିନ୍ଦ ମଲ୍ଲିକଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି। ଏକ ଶୋକ ବାର୍ତ୍ତା ରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ କେନ୍ଦ୍ରାପଡା ଜିଲ୍ଲା ଡେରାବିଶ ଅଞ୍ଚଳର ସ୍ୱର୍ଗତ ମଲ୍ଲିକ ଦେଶର ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇ ବହୁ ବାର କାରାବରଣ କରିଥିଲେ। ମହାତ୍ମା ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ସ୍ୱର୍ଗତ ମଲ୍ଲିକ ନିଜକୁ ସର୍ବଦା ରଚନାତ୍ମକ କାର୍ଯ୍ୟରେ ନିୟୋଜିତ ରଖିଥିଲେ। କେନ୍ଦ୍ରାପଡା ଜିଲ୍ଲାର ଜଣେ ବିଶିଷ୍ଟ ସମାଜ ସେବୀ ଭାବେ ମଧ୍ୟ ତାଙ୍କର ବିଶେଷ ସୁନାମ ରହିଥିଲା। ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ମଲ୍ଲିକଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହ ତା ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ଗଭୀର ସମବେଦନା ଜ୍ଞାପନ କରିଛନ୍ତି।

ଉତ୍କଳ ସମାଚାର
THE UTKAL SAMACHAR
( A Odiya Daily News paper)
PUBLISHED FROM ROURKELA, SAMBALPUR, & BHUBANESWAR
FOR NEWS AND ADVERTISEMENT CONTACT AT:
CITY OFFICE: B/204, SECTOR-16, ROURKELA, PH:0661-2646999
PRAKASH KUMAR DHAL (ED

# ବିବିଧା

ନୂଆବର୍ଷର ନୂଆ ସଂକଳ୍ପ

## ଫିଟ୍ ରହିବାକୁ ବଦଳାନ୍ତୁ କୁଅଭ୍ୟାସ

ବର୍ଷସାରା ବିଭିନ୍ନ ଜାତୀୟ ପର୍ବପର୍ବାଣୀ ଆଉ ଉତ୍ସବ ଆମକୁ ଖୁସି ଦେଇଥାଏ । ହେଲେ ଏହାସହ ଆମ ଶରୀରରେ ଅନେକ ରୋଗ ବାସା ବାନ୍ଧିଥାଏ । ତେବେ ଏହାରୁ ମୁକ୍ତି ପାଇବାକୁ ଚାହୁଁଛନ୍ତି ତେବେ ଆପଣ ଆଜିଠାରୁ ଆରମ୍ଭ କରନ୍ତୁ ଏହି ଅଭ୍ୟାସ ।

ଆଜିକାଲି ଲୋକମାନେ ଅଧିକାଂଶ ସମୟ ଘରେ ବସି କାମ କରୁଛନ୍ତି । ଏହା ଶରୀର ପାଇଁ ଖୁବ୍ ଖରାପ । ଏଥିରୁ ମୁକ୍ତି ପାଇବାକୁ ଚାହୁଁଛନ୍ତି ତେବେ ଆଜିଠାରୁ ଆରମ୍ଭ କରନ୍ତୁ ଏହି ଅଭ୍ୟାସ । ଏଥିପାଇଁ ଆପଣ ଘରେ ବସି ଯୋଗ ଅଭ୍ୟାସ କରିପାରନ୍ତି । ଏଥିପାଇଁ ଆପଣ ଜିମ୍ ଯାଇପାରନ୍ତି । ଏଥିରେ ଆପଣ ଶରୀରକୁ ଫିଟ୍ ରଖିବା ସହିତ ମାନସିକ ଚାପ ମଧ୍ୟ ହ୍ରାସ ହେବ । ଏଥିସହ

ଉତ୍କଳ ସମାଚାର

## ସମ୍ପାଦକୀୟ...

**ଶନିବାର ୩୦ ଡିସେମ୍ବର ୨୦୨୩**

# ଝିଟିଂକା ମାରି ବଣି ପୋଷିବା

ଗଣତନ୍ତ୍ରରେ ଗଣମାଧ୍ୟମକୁ ଚତୁର୍ଥ ସ୍ତମ୍ଭର ଆଖ୍ୟା ଦିଆଯାଇଥାଏ, ଯଦିଓ ଏହି ଆଖ୍ୟା ବିଧିବଦ୍ଧ ନୁହେଁ। ତେବେ ଗଣତାନ୍ତ୍ରିକ ପ୍ରକ୍ରିୟାକୁ ସ୍ୱଚ୍ଛ, ତ୍ରୁଟିମୁକ୍ତ ଏବଂ ଲୋକାଭିମୁଖୀ କରାଇବାରେ ଗଣମାଧ୍ୟମର ବଳିଷ୍ଠ ଭୂମିକା ଯୋଗୁଁ ଏପରି ଆଖ୍ୟା ଦିଆଯିବାରେ ଯଥାର୍ଥତା ରହିଥିବା ଅନୁଭବ କରନ୍ତି ବୁଦ୍ଧିଜୀବୀମାନେ। ସେ ଯାହାହେଉ, ଏହି ଭୂମିକା ନିର୍ବାହ କରିବା ପାଇଁ କିଛୁ ଗଣମାଧ୍ୟମକୁ ଅନେକ ପରିଶ୍ରମ ସ୍ୱୀକାର କରିବାକୁ ପଡ଼ିଥାଏ। ଏଥିପାଇଁ ଏକ ମୁଖ୍ୟସ୍ରୋତର ଗଣମାଧ୍ୟମ କର୍ମୀମାନେ ବିବରଣୀ ପ୍ରସ୍ତୁତ କରିବା ବା ରିପୋର୍ଟିଂ ଏବଂ ସମ୍ବାଦ- ସଂଗ୍ରହ କରିବା, ତଥ୍ୟକୁ ଯାଚଁ କରିବା ଏବଂ ସମ୍ପାଦନା କରିବା ଏବଂ ଶେଷରେ ତାହାକୁ ଉନ୍ନମ ରୂପେ ଅର୍ଥାତ୍ ପାଠକଙ୍କ ମନଲାଖି ପ୍ରସ୍ତୁତ କରିବା ନିମନ୍ତେ ପ୍ରଭୂତ ପରିମାଣର ସାଧନର ବ୍ୟବହାର/ନିବେଶ କରିବାକୁ ପଡ଼ିଥାଏ। ଏହାପରେ ଉପଯୁକ୍ତ ସମ୍ପାଦକୀୟ ପରିଶ୍ରମ ବା ଅଧବସାୟ ବଳରେ ଯେଉଁ ସମ୍ବାଦ ବା ମତାମତ ସୃଷ୍ଟି ହୋଇଥାଏ, ତାହା ପାଠକମାନଙ୍କୁ ସେମାନଙ୍କ ଚତୁଷ୍ପାର୍ଶ୍ୱରେ ଘଟୁଥିବା ଘଟଣାବଳୀଗୁଡ଼ିକ ସମ୍ପର୍କରେ ସୂଚନା ପ୍ରଦାନ କରିଥାଏ, ନୀତି ନିର୍ଦ୍ଧାରଣକାରୀଙ୍କ ସମ୍ମୁଖରେ କାର୍ଯ୍ୟସୂଚୀ ଉପସ୍ଥାପନ କରିବା ସହିତ ସେମାନଙ୍କର ଆଚରଣ ଓ ଉଚ୍ଚାରଣକୁ ପରିଚାଳିତ କରିଥାଏ, ଯାହା ଗଣତନ୍ତ୍ରକୁ କାର୍ଯ୍ୟକାରୀ କରାଇବା ନିମନ୍ତେ ମୁଖ୍ୟ ଉପାଦାନ ଭାବରେ ବିବେଚିତ ହୋଇଥାଏ। ପୁନଶ୍ଚ, ଝିଟିଂକା ଭଳି କାମ କରୁଥିବା ସମ୍ବାଦ ପ୍ରକାଶନ ସଂସ୍ଥାମାନଙ୍କ ଦ୍ୱାରା ପ୍ରସ୍ତୁତ ଏହି ସମ୍ବାଦସବୁକୁ ବଣି ଚଢ଼େଇ ଭଳି ଅର୍ଥାତ୍ ବଡ଼ ବଡ଼ ଉନ୍ନତ ପ୍ରଯୁକ୍ତିବିଦ୍ୟାସମ୍ପନ୍ନ ଗଣମାଧ୍ୟମ କର୍ମୀମାନେ ଯଥା ଗୁଗଲ୍ ବା ଫେସ୍‌ବୁକ୍ ସେମାନଙ୍କ ମଂଚରେ ପରିବେଷଣ କରିଥାନ୍ତି। ଆଉ ଏହାପରେ ବିଜ୍ଞାପନଦାତାମାନେ, ଯେଉଁମାନଙ୍କର କିଛି ବିଜ୍ଞାପନ ନିମନ୍ତେ ପ୍ରଦତ୍ତ ଅର୍ଥ ଉପରେ ସାଧାରଣତଃ ଛୋଟ ଛୋଟ ଗଣମାଧ୍ୟମ କର୍ମୀମାନୀଗୁଡ଼ିକ ନିର୍ଭର କରିଥାନ୍ତି, ମୁହଁ ଫେରାଇ ନିଅନ୍ତି ଅନ୍‌ଲାଇନ୍‌ରେ ସମ୍ବାଦ ପରିବେଷଣ କରୁଥିବା ଏହି ବଡ଼ ବଡ଼ କର୍ମୀମାନ୍ଙ୍କ ଆଡ଼କୁ। ସେମାନେ ଛୋଟ ଛୋଟ ପାରମ୍ପରିକ ଗଣମାଧ୍ୟମ କର୍ମୀମାନୀମାନଙ୍କୁ ସେମାନଙ୍କର ବିଜ୍ଞାପନଗୁଡ଼ିକୁ ଦେବା ପରିବର୍ତ୍ତେ ଅନ୍‌ଲାଇନ୍‌ରେ ବଡ଼ ବଡ଼ କର୍ମୀମାନୀମାନଙ୍କ ପ୍ରାଧାନ୍ୟ ଭିତ୍ତିରେ ସେମାନଙ୍କୁ ପ୍ରଦାନ କରିଥାନ୍ତି। ଆଉ ଏହିଭଳି ଭାବରେ ମୁଖ୍ୟସ୍ରୋତର ଗଣମାଧ୍ୟମ କର୍ମୀମାନେ ସବୁ କାମ କରିଥାନ୍ତି, ସେଥିପାଇଁ ଅର୍ଥ ବ୍ୟୟ କରିଥାନ୍ତି, କିନ୍ତୁ ଶୁଖିଲାରେ ବାଳିଆ ପିଟିଥାନ୍ତି ଅର୍ଥାତ୍ ଲାଭର ଅଧିକାଂଶ ପରିମାଣ ଏକତାଟିଆ ଭାବରେ ହାସଲ କରିଥାନ୍ତି ବଡ଼ ବଡ଼ ଉନ୍ନତ ପ୍ରଯୁକ୍ତିବିଦ୍ୟାସମ୍ପନ୍ନ କର୍ମୀମାନୀ ବଣିମାନେ। ପ୍ରକୃତରେ ଯେଉଁ ଛୋଟ ଛୋଟ କର୍ମୀମାନେ ବିଷୟବସ୍ତୁ ପ୍ରସ୍ତୁତ କରି ଲୋକଲୋଚନକୁ ଆଣିବାକୁ କାର୍ଯ୍ୟ କରିଥାନ୍ତି ବା ଝିଟିଂକାମାନେ ସଂଘର୍ଷ କରୁଥାନ୍ତି ସେମାନଙ୍କର ଝୁଟି ବଚାଂଇବାକୁ। ଅର୍ଥନୀତି ଦୃଷ୍ଟିରୁ ଏ ପ୍ରକାରର କାର୍ଯ୍ୟ କେବଳ ଅପରିପୋଷଣୀୟ ବା ଅନ୍ୟାୟ ନୁହେଁ, ଉନ୍ନତ ପ୍ରଯୁକ୍ତିବିଦ୍ୟାସମ୍ପନ୍ନ ଅନ୍‌ଲାଇନ୍ କର୍ମୀମାନୀମାନଙ୍କର ଏହା ଛୋଟ ଛୋଟ କର୍ମୀମାନୀମାନଙ୍କୁ ଶୋଷଣ କରିବା କହିଲେ ଅତ୍ୟୁକ୍ତି ହେବନାହିଁ। ସେମାନଙ୍କର ଏଭଳି କାର୍ଯ୍ୟ ଯୋଗୁଁ ଅନେକ ଭାରତୀୟ ସମ୍ବାଦ ପ୍ରକାଶନ ସଂସ୍ଥା ଦୁଃଖ କଷ୍ଟରେ ଜୀବାଜୀବନ କରିବାକୁ ବାଧ ହେଉଛନ୍ତି। ତେବେ ପ୍ରସଙ୍ଗଟି କେବଳ ଗୋଟିଏ ବୁଇଟି ନିର୍ଦ୍ଦିଷ୍ଟ କର୍ମୀମାନ୍ ମଧ୍ୟରେ ସୀମିତ ରହୁନାହିଁ, କାରଣ ବର୍ତମାନ ଯେଉଁ ରାଜସ୍ୱ ମଡେଲଟି କାର୍ଯ୍ୟକାରୀ ହେଉଛି, ସେଥିପାଇଁ ଉନ୍ନମ ସାମାଜିକତା ପ୍ରସ୍ତୁତ କରିବାର କାର୍ଯ୍ୟ ଆର୍ଥିକ ଦୃଷ୍ଟିରୁ ଅତ୍ୟନ୍ତ କଷ୍ଟକର ସାବ୍ୟସ୍ତ ହେଉଛି। ଏହି ମଡେଲଟି ନୈତିକତା ଦୃଷ୍ଟିରୁ ତ୍ରୁଟିପୂର୍ଣ୍ଣ ବୋଲି ଅନୁଭବ କରନ୍ତି ଅନେକ ବୁଦ୍ଧିଜୀବୀ। ସେମାନେ ପ୍ରଶ୍ନ କରନ୍ତି, ଜଣେ ପ୍ରସ୍ତୁତକାରୀଙ୍କ ଦ୍ୱାରା କରାଯାଇଥିବା କାର୍ଯ୍ୟଗୁଡ଼ିକୁ ତାଙ୍କର ବ୍ୟବହାରକାରୀଙ୍କ ନିକଟରେ ସହଜରେ ଉପଲବ୍ଧ ହୋଇ ପାରିବାର ପର୍ଯ୍ୟାପ୍ତ ସାମର୍ଥ୍ୟ ବହନ କରୁଥିବା ବିଚକ୍ଷଣକାରୀ, ଯିଏକି ପ୍ରାୟତଃ ଅସାଧୁ ଉପାୟରେ ବ୍ୟବହାରକାରୀମାନଙ୍କର ବ୍ୟକ୍ତିଗତ ତଥ୍ୟକୁ ମଧ୍ୟ ଅପହରଣ କରିଥାନ୍ତି, ସେ ଲାଭ ଘଠାଇବା ଉଚିତ କି ? ପୁନଶ୍ଚ, ଏହି ମଡେଲ ରାଜନୀତିକ ଦୃଷ୍ଟିକୋଣରୁ ମଧ୍ୟ ବିପଜ୍ଜନକ। ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ କ୍ଷମତାସୀନ ବ୍ୟକ୍ତିମାନଙ୍କୁ ଉନ୍ନରଦାୟୀ କରିବା ନିମନ୍ତେ ସଠିକ୍ ସୂଚନା ସହିତ ସୁସଂଯତ ଏବଂ ସୁସଂହତ ବିତର୍କର ଆବଶ୍ୟକତା ରହିଛି ଏବଂ ଏହା ନିର୍ଭର କରିଥାଏ ଉନ୍ନମ ସାମାଜିକତା ଉପରେ। ସଂଯୋଗବଶତଃ ସାମ୍ପ୍ରତିକ ସମୟରେ ସଠିକ୍ ସମ୍ବାଦ ପ୍ରସ୍ତୁତି କାର୍ଯ୍ୟ ଦୁର୍ବଳ ହୋଇ ଚାଲିଥିବା ବେଳେ ଅନ୍‌ଲାଇନ୍ ମଂଚଗୁଡ଼ିକରେ ମିଥ୍ୟା ସମ୍ବାଦର ପ୍ରାବଲ୍ୟ ଦେଖିବାକୁ ମିଳୁଛି। ଏସବୁ ଦୃଷ୍ଟିରୁ ତେଣୁ ଅଷ୍ଟ୍ରେଲୀୟ ସରକାର ସମ୍ପ୍ରତି ବଡ଼ ବଡ଼ ଉନ୍ନତ ପ୍ରଯୁକ୍ତିବିଦ୍ୟାସମ୍ପନ୍ନ କର୍ମୀମାନୀମାନଙ୍କର ଏପରି କାର୍ଯ୍ୟ ପାଇଁ ପ୍ରକାଶନ ସଂସ୍ଥାମାନଙ୍କୁ ଅର୍ଥ ପ୍ରଦାନ କରିବା ନିମନ୍ତେ ଆଇନଗତ ବ୍ୟବସ୍ଥା ସୃଷ୍ଟି କରିବା ପଥର ପଥିକ ହୋଇଛନ୍ତି। ଭଲ୍ଲେଖଯୋଗ୍ୟ ଯେ ପ୍ରାୟ ଦୁଇ ଦଶନ୍ଧି ଧରି ଇଂଟରନେଟ୍ କର୍ମୀମାନୀମାନେ ଏହିଭଳି ଭାବରେ ଲାଭ ଉପାର୍ଜନ କରୁଥିବା ଅନୁଭବ କରିବା ପରେ ଦୁଇବର୍ଷ ପୂର୍ବେ ଫ୍ରାନ୍ସ ସମ୍ବାଦ ପ୍ରସ୍ତୁତକାରୀ କର୍ମୀମାନୀମାନଙ୍କୁ ଅର୍ଥ ଦେବା ପାଇଁ ସେମାନଙ୍କୁ ଏକ ବୁଦ୍ଧିମାନାର ସ୍ୱାକ୍ଷରିତ କରାଇବାର ବ୍ୟବସ୍ଥା କରିଥିଲା। ଅର୍ଥାତ୍ ଫ୍ରାନ୍ସ ଏ ଦିଗରେ ଏକ ପଥ ପ୍ରଦର୍ଶନ କରିଥିଲା ଯାହାକୁ ଅଷ୍ଟ୍ରେଲିଆ ବର୍ତମାନ ଅନୁସରଣ କରିବାକୁ ଯାଉଛି। ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଅଷ୍ଟ୍ରେଲିଆର ପ୍ରଧାନମନ୍ତ୍ରୀ ଷ୍ଟାଟ୍ ମୋରିସନ୍ ଭାରତର ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ମଧ୍ୟ ଏ ବାବରେ ତାଙ୍କ ସହ ହାତ ମିଳାଇବାକୁ ଆହ୍ୱାନ ଦେଇଛନ୍ତି। କହିବା ବାହୁଲ୍ୟ, ବଡ଼ ବଡ଼ କର୍ମୀମାନୀମାନଙ୍କୁ ଉନ୍ନରଦାୟୀ କରିବା ନିମନ୍ତେ ନ୍ୟାୟୋଚିତ ମାର୍ଗକୁ ଅନୁସରଣ କରିବା ନିମନ୍ତେ ଗଣତାନ୍ତ୍ରିକ ରାଷ୍ଟ୍ରଗୁଡ଼ିକ ମିଳିମିଶି କାର୍ଯ୍ୟ କରିବାର ଆବଶ୍ୟକତା ରହିଛି। ଉପରୋକ୍ତ ଗଣମାଧ୍ୟମ-ସମ୍ପର୍କିତ ବିଷୟବସ୍ତୁ ନିମନ୍ତେ ଆଇନ ପ୍ରଣୟନ କ୍ଷେତ୍ରରେ ପ୍ରଗତି କରିବା ନିମନ୍ତେ ଭାରତ ଅଷ୍ଟ୍ରେଲିଆ ଦ୍ୱାରା ପ୍ରଦର୍ଶିତ ପଥକୁ ଆପଣାଇବା ବିଧେୟ।

# ଓଡିଶା ଖଣିଜ ସମ୍ପଦର ଭବିଷ୍ୟତ

**ମାୟାଧର ନାୟକ**

ଓଡିଶା ଖଣିଜ ସମ୍ପଦର ଭବିଷ୍ୟତ, ଚାଇନା, ଜାପାନ, ଆମେରିକା । ଯେଉଁ ଦେଶର ଖଣିଜ ସମ୍ପଦ ବିଦେଶକୁ ରପ୍ତାନୀ ହୁଏ, ସେ ଦେଶର ଲୋକେ ହତଭାଗା , ଅପବାର୍ଥ, ଅଯୋଗ୍ୟ । ଆମେ ସେଇ ହତଭାଗା ଓଡିଆ - ଆମ ରାଜ୍ୟରୁ ଲୋମାଇଟ୍ ଲୁହାପଥର ଚୀନ୍, ଜାପାନ, ଆମେରିକା ପ୍ରଭୃତି ଦେଶକୁ ଏକ୍ସପୋର୍ଟ କରୁଛୁ । ଚୀନ୍ ଦେଶରେ ଆମ ଭାରତଠାରୁ ଅଧିକ ଲୁହାପଥର ଅଛି, କିନ୍ତୁ ଚାଇନା ତା'ର ଉତରପିଢୀକ ପାଇଁ ୧୦୦ ବର୍ଷ ପର୍ଯ୍ୟନ୍ତ ଲୁହାପଥର ସାଇତି ରଖୁଛି । ଆମ ଦେଶ ବିଶେଷ କରି ଓଡିଶାରୁ ଲୁହାପଥର, ଲୋମାଇଟ୍ ଚଢା ଦାମ ଦେଇ ବୋହି ନେଉଛି । ଚାଇନାର ଉତ୍ପାଦିତ ଦ୍ରବ୍ୟ ସାରା ବିଶ୍ୱରେ ଛାଇ ହେଇଗଲାଣି । ବିଶ୍ୱର ଦ୍ୱିତୀୟ ଧନୀ ଦେଶ ଭାବେ ପରିଗଣିତ ହେଲାଣି । ଜାପାନ ମଧ୍ୟ ଆମ ଲୋମାଇଟ୍‌ରୁ ଉତ୍ପାଦିତ ଦ୍ରବ୍ୟରେ ବିଶ୍ୱ ବଜାର ଦଖଲ କରିସାରିଛି । ଆମେରିକା ଆମ ଲୋମାଇଟ୍ ଲୁହାପଥରରେ ସୁଦ୍ଧାସ୍ତ୍ର ପ୍ରସ୍ତୁତ କରି ଆମକୁ ବିକ୍ରି କରୁଛି । ଆକର୍ଷଣୀୟ ମହାଜନୀ ମାଫିଆ କରାଳ ଭୂତ ଚକ୍ରାନ୍ତରେ ଶାସନ ପ୍ରଶାସନର ମଧ୍ୟସ୍ଥଗାରେ ଶୀତାର ହେଇଛି ସାଧାରଣ ଜନତା । ଖଣିଜ ପଦାର୍ଥକୁ ସାମଗ୍ରୀରେ ପ୍ରସ୍ତୁତ ବା ପରିଣତ କରିବାର କଳା ଓ କୌଶଳଠାରୁ ଆଜି ମଧ୍ୟ ଆମେ ଅପହଂଚ ଦୂରରୁରେ । ତେଣୁ ମୋଟ୍ କଥା–ଏଥିପାଇଁ ଆବଶ୍ୟକ ବୈଷୟିକ, ବୈଜ୍ଞାନିକ ଜ୍ଞାନ ଓ ପ୍ରୟୋଗାତ୍ମକ କାର୍ଯ୍ୟକ୍ରମ । ଏସବୁର ଅଭାବ ଅନୁଭୂତ ହେଉଥିବା ପର୍ଯ୍ୟନ୍ତ ଖଣିଜ ପଦାର୍ଥର ଭବିଷ୍ୟତ ଘୋର ଅନ୍ଧକାର । ଯେଉଁ ଲୋମାଇଟ୍ ବିଶ୍ୱର ମହା ମହା ମାରାଣାସ୍ତ୍ର ତିଆରି କରିବାରେ ମୁଖ୍ୟ ତ୍ରୁଟୁବୀଜ - ଯାହାକୁ ନେଇ ବଳ୍ଲ । ଏସିଆ ମହାଦେଶରେ ୯୮ ଭାଗ ଲୋମାଇଟ୍ କେବଳ ଆମ ରାଜ୍ୟ ସୁଜିଦାରେ ଜାହିଁ କେଉଁ ଜାଳରୁ ପ୍ରକୃତି ସାଇତି ରଖୁଛି । ଏ ଲୋମାଇଟ୍ ହେଉଛି – ଜଳିକାଳର ବଧୂର୍ଚ୍ଚ ହାଡ - ଯାହାକୁ ନେଇ ଆଟମ୍ ବମ୍, ହାଇଡ୍ରୋଜେନ୍ ବମ୍‌ରାକୁ ଆରମ୍ଭ କରି ସାଇକେଲ ଚଳନ୍ ବେରିଙ୍ଗ୍ ପର୍ଯ୍ୟନ୍ତ ପ୍ରସ୍ତୁତି ହୁଏ, ଏହାକୁ ଇଷ୍ପାତ ସହିତ ମିଶ୍ରଣ କରାଯାଇ କ୍ଷୟରୋଧକ ମିଶ୍ରଧାତୁ ପ୍ରସ୍ତୁତ କରାଯାଏ । ୟୁରୋପରୁ ଆମେରିକା ସବୁ ଧନକୁବେର ରାଷ୍ଟ୍ରର ନଖ ଦର୍ପଣରେ ଏବେ ସୁଜିଦା । ଏସୀୟ ରାଷ୍ଟ୍ର ଚୀନ୍ ଓ ଜାପାନ ଚାଟି ନେଇ ସାରିଲେଣି ସୁଜିଦା ଲୋମାଇଟ୍‌ର ବହୁଳାଂଶ । ଏବେ ଆମେରିକା ଏ ସୁଜିଦା ଲୋମାଇଟ୍‌ର ସ୍ୱାଦ ଚାଖି ସାରିବା ପରେ ବିଷ୍ଣାର କରିଛି ତା'ର ଆସୁରିକ ଆଁ । କୌଳିକତାହୀନ ଏବଂ ମୌଳିକତାହୀନ ଗୁଡାଏ ଅପବାର୍ଥ ଏହି ଖଣିଜ ପଦାର୍ଥକୁ ଆବୃସାଦ୍ କରି ଆସନ୍ନ ଭବିଷ୍ୟତରେ ଯେଉଁ ସମାପ ବିଚର ଅଧିକାରୀ ହେବାକୁ ଯାଉଛନ୍ତି – ତାହା ସେମାନଙ୍କୁ ଜନଗଣଙ୍କର ପିଠି ଉପରେ ଚାବୁକ ଚଳାଇବାର ରାଜନୈତିକ ସାମର୍ଥ୍ୟ ପ୍ରଦାନ କରିବ ହିଁ କରିବ – କାରଣ ଆଜିର ପୌରୁଷ ବ୍ୟକ୍ତିତ୍ୱରେ ନାହିଁ - ଅଛି ବିତରେ । ଧନ ଥକା ହେଉ କି ଜଳା ହେଉ – ବାପପନ ହେଉ କି ପାପପନ ହେଉ, ବ୍ୟକ୍ତିତ୍ୱ ବର୍ଜିତ - ଅଥଚ ବିତ ଅର୍ଜିତ ବ୍ୟକ୍ତିମାନଙ୍କ ଦ୍ୱାରା ଜବଳିତ ହେଲେ ସାରା ସମାଜ ପାଇଁ ଘୋର ଅଶୁଭ ଜାଳକୁ ନିମନ୍ତ୍ରଣ କରିଥାଣିବ । ଖଣିଜ ସମ୍ପଦ ପ୍ରକୃତରେ ଜାତୀୟ ସମ୍ପତ୍ତି – ଏହି ଜାତୀୟ ସମ୍ପତ୍ତିକୁ କେଉଁ ନ୍ୟାୟରେ ବଂଟାକୁଂଟା କରି ଲିଜ୍ ମାଧ୍ୟମରେ ହେଉ କି ସୁପାରିଶ୍ କରିଆରେ ହେଉ, ବ୍ୟକ୍ତି ସମ୍ପତ୍ତିରେ ପରିଣତ କରିବାରେ ବୀଭତ୍ସ ପ୍ରକ୍ରିୟା ଆଜି ତାରିଖ ସୁଦ୍ଧା ଜାଏମ ରହିଛି କିପରି ? ସୁଜିଦାରେ ନୀଳାଚଳ ଇସ୍ପାତ କାରଖାନା ପ୍ରତିଷ୍ଠା ହେବେ ସେ ସ୍ଥାନରୁ ଲୋମାଇଟ୍, କିରୋସିନି ବାହାରି ଥିବାରୁ ଶ୍ରମିକମାନେ କହିଲେ – ମୁଁ ଅଭିଯୋଗ କରି । ନୀଳାଚଳ ଷ୍ଟିଲ ପ୍ଲାଂଟ୍‌ରୁ ଅନ୍ୟତ୍ର ସ୍ଥାନାନ୍ତରିତ କରାଯାଉ କିନ୍ତୁ କେହି ଶୁଣିଲେ ନାହିଁ । ୧୯୯୦ ମସିହାରେ ବିଜୁବାବୁ ମୁଖ୍ୟମନ୍ତ୍ରୀ ଆସନରେ ବସୁ ବସୁ ମୋଟେ ବଳାଇ ପଠାଇଲେ । ପଚାରିଲେ – ମାୟାଧର ! ଓଡିଶା ରାଜକୋଷ ଖାଲି । ଟଙ୍କା କୁଆଡୁ ଆସିବ ? ମୁଁ କହିଥିଲି – ଟଙ୍କା ଓଡିଶାର ମାଟି ତଳେ ପୋତା ହୋଇଛି । ଖୋଳକୁ ବସ୍ତା ବସ୍ତା ଟଙ୍କା ପାଇବେ । ସେ ଆର୍ଯ୍ୟହୋଇ ଚାହିଁଲେ । ମୁଁ କହିଲି – ଓଡିଶାରେ ଯେଉଁ ଖଣିଜ ସମ୍ପଦ ଅଛି – ସବୁ ଖଣି ଲିଜ୍ ବାଡିଲ କରନ୍ତୁ – ନୋ ଲ୍ୟପଟିଭ୍ ମାଇନସ୍, ନୋ ଏକ୍ସପୋର୍ଟ । ସବୁ ଖଣିଜ ସମ୍ପଦକୁ ସରକାର ନିଜ ଅଧିନରେ ରଖି ଉତୋଳନ କରି ବଜାର ଦରରେ ମୂଲ୍ୟଯୁକ୍ତ କରାଯାଇ ବିକ୍ରି କରନ୍ତୁ – ଓଡିଶା ଟଙ୍କାରେ ପୋତି ହୋଇଯିବ । ସେ ମୁଣ୍ଡ ଦୁଇଗାରିଲେ । କିନ୍ତୁ କାର୍ଯ୍ୟକାରୀ କରିବା ପୂର୍ବରୁ ସ୍ୱର୍ଗଦ୍ୱାରକୁ ଚାଲିଗଲେ । କେନ୍ଦୁଝର, ସୁନ୍ଦରଗଡ, ମୟୂରଭଞ୍ଜ ଜିଲ୍ଲାର ଲୁହାପଥରର ପାହାଡ ଲୁଟ୍ ଚାଲିଛି । ଢେଙ୍କାନାଳ, ଅନୁଗୁଳ, ସମ୍ବଲପୁର ଜୋଇଲା ବିଶ୍ୱବିଖ୍ୟାତ । କେନ୍ଦାଝରି ନୂଆପାଡା, ବଲାଙ୍ଗୀର ପ୍ରମୁଖ ଜିଲ୍ଲାର କେମ୍‌ପ୍ସ ଷ୍ଟୋନ୍, ହୀରା, ମୋତି, ମାଣିକ, ସୁନା ପଥର ଲକ୍ଷଲକ୍ଷ ଜୋତି ଟଙ୍କାରେ ଗଚ୍ଛିତ ଅଛି । କୋରାପୁଟ, ରାୟଗଡା, କଳାହାଣ୍ଡି ଜିଲ୍ଲାର ବକ୍ସାଇଟ୍ ଖୁଣ୍ଟି ହୋଇ ରହିଛି । ମାଙ୍ଗାନିଜ୍ ଠାରୁ ଆରମ୍ଭ କରି ଚାଇନା ବେଜ୍ ପର୍ଯ୍ୟନ୍ତ ୩୨ ପ୍ରକାର ଖଣିଜ ସମ୍ପଦକୁ ୪୧ ପ୍ରକାରକୁ ଉଠିଲାଣି । ସବୁ ଖଣିଜ ସମ୍ପଦ ଓଡିଶା ମାଟିରେ । ଶାସନକଳ ସହାୟତାରେ ସବୁ ଲୁଟ୍ ପାଟ ଚାଲିଛି । କେବଳ ଖଣିଜ ସମ୍ପଦକୁ କରାୟତ କରିପାରିଲେ ଓଡିଶା ଭାରତରେ ଏକନମ୍ବର ଧନୀ ରାଜ୍ୟରେ ପରିଣତ ହେବ ।ପ୍ରାକୃତିକ ପ୍ରହରୀ ପରି ଯେଉଁ ଶହ ଶହ ବର୍ଷର ବୃକ୍ଷ - ଆଜି ସେମାନେ ଗୋଟାଏ ଗୋଟାଏ କାଳୁସୁ କବଳ ପରି ନିରୀହ ବେଶବାସୀଙ୍କ ଆଖି ସାମ୍ନାରେ ଛିନ୍ନ ଓ ବିଚ୍ଛିନ୍ନ । ଏହା ଜାତୀୟ ଜୀବନର ସୁରକ୍ଷା ପ୍ରତି ଏକ ଅହିକର ଅଭିଯାନର ଆରମ୍ଭ ମାତ୍ର ଯାହା ଦିନେ ଆମର ଉତରପିଢୀକୁ ପାଇଁଣ ପୋଷକାରେ ଜଳୁଟୁରୁ ହୋଇ ଅଣନିଶ୍ୱାସୀ ଅବସ୍ଥାରେ ଶେଷ ଆଚଲୁ ମୁହାଁଇଜେବ – ତାଷ ନଷ୍ଟ ଜଳ – ବାସ ନଷ୍ଟ ଜଳ – ଏବେ ଦିନାଣୁକୁ ବିକାଶ ନାଁରେ ତମେ ଦେଉଛ – ତମ ସରକାରୀ ଶିଳ୍ପ ସମୃଦ୍ଧିର ଚମତ୍କାର ଛବୁବେଗ – ଏ ସେକ୍ଷ କାହାଣୀରେ କଥିତ ଚାଇନା ରାଜାର ଲଙ୍କାର ପୋଷାକକୁ ବି ପରିହାସ କରୁଛି । ତୁମେ ଲୁଚିଛ କିନ୍ତୁ ତୁମର ଘୋର ବୁଇଟା ଜ'ଶ ସବୁଯାକ ଆମ ଆଖି ଆଗରେ ଆଜି ଉଧୁ ଲଙ୍କାରା ହୋଇ ବିଣ୍ଡାଲାଣି । ଦେଶକୁ ପାଇଁଣ ଗଦା ଜଳନା କି ଜାତିକୁ ଜଳନା ପାଚକୁଡ ! ମୁଷ୍ଟିମେୟ ମହାଜନର ମୁନା'। ହୋଇପାରେ ମାତ୍ର ଅଗଣିତ ମାମୁଲି ମଣିଷର ମୃତ୍ୟୁ ଅବଶ୍ୟମ୍ଭାବୀ । ଏ ମୃତ୍ୟୁର ସ୍ରୋତକୁ ଆଜିଠୁଁ ବାଧା ଦିଆ ନଗଲେ

ଯାଜପୁର ରୋଡ, ଯାଜପୁର
ମୋ : ୯୮୬୧୦୩୪୧୬୩

# ଓଡ଼ିଆ ଜାତିର ଜ୍ୟୋତିର୍ବିଦ୍ ସାମନ୍ତ ଚନ୍ଦ୍ରଶେଖର

ତ୍ରିଦିଶ୍ ଶାସନ ସମୟରେ ଓଡ଼ିଆ ଭାଷୀ ଦେଶୀୟ ରାଜ୍ୟଗୁଡ଼ିକ ମଧ୍ୟରେ ଖଣ୍ଡପଡା ଏକ ରାଜ୍ୟ । ଙ୍ଗରେଜମାନଙ୍କ ଅଧୀନରେ ଜଣେ ଦେଶୀୟ ରାଜା ଖଣ୍ଡପଡାର ଶାସନ କରୁଥିଲେ । ଶ୍ୟାମବନ୍ଧୁ ସିଂହ ନାମକ ବ୍ୟକ୍ତି ଖଣ୍ଡପଡା ରାଜାଙ୍କର ରକ୍ତ ସମ୍ପର୍କୀୟ । ଶ୍ୟାମବନ୍ଧୁ ଧରାଳୋଟ ରାଜାଙ୍କ ଝିଆରୀ ବିଷ୍ଣୁମାଳୀଙ୍କୁ ବିବାହ କରିଥିଲେ । ଏହି ଦମ୍ପତିଙ୍କଠାରୁ ୧୮୩୫ (ଶକାବ୍ଦ ୧୭୫୭) ମସିହା ପୌଷମାସ କୃଷ୍ଣ ପକ୍ଷ ଅଷ୍ଟମୀ ରବିବାର ଦିନ୍ଠା ୨୯ ଦିନରେ ସାମନ୍ତ ଚନ୍ଦ୍ରଶେଖର ସିଂହ ଜନ୍ମ ହୋଇଥିଲେ । ଜନ୍ମ ସମୟରେ ଲଗ୍ନାଧିପତି ଶନି ଜଳ ରାଶିରେ ଭାଗ୍ୟ ସ୍ଥାନରେ ବୃହସ୍ପତିଙ୍କ ଦୃଷ୍ଟିରେ ରହିଛି । ବୃହସ୍ପତିଙ୍କ ଦୃଷ୍ଟି ଏକାଦଶସ୍ଥ ବୁଧ ଏବଂ ଲଗ୍ନସ୍ଥ ବୁଧ ଏବଂ ଲଗ୍ନସ୍ଥ ବୁଧଠାରୁ ଗୃହ ପରିବର୍ତନ ଯୋଗ ଓ ବଶମ ଭାବାଧିପତି ମଙ୍ଗଳ ସହ ସପ୍ତମାଧିପତି ଦରିଦ୍ରୁଲ । ଶୁକ୍ର ଯୋଗକାରକ ଓ ରାହୁ, କେତୁ ଚତୁର୍ଥ, ଦଶମରେ ଉଚ ଅଛନ୍ତି । ଏହି ଗ୍ରହସ୍ଥିତି ଯୋଗୁ ଶଙ୍ଖ ଯୋଗ, ଗଜକେଶରୀ ଯୋଗ, ରାଜଯୋଗ ଓ ବିପରୀତ ରାଜଯୋଗ ହେଉଛି । ତେଣୁ ଚନ୍ଦ୍ରଶେଖର ଜଣେ ବିଦ୍ୱାନ୍, ପଣ୍ଡିତ, ମେଧାବୀ, ଧାର୍ମିକ, ବୁଦ୍ଧିମାନ, ଦୋଷରହିତ୍ୟ, ଗୁରୁଜନ୍, ନାତିବାଦ୍, ସବାବାରୀ ଓ ଏକନିଷ୍ଠ, ଭଦ୍ର ପୁରୁଷ ଥିଲେ । ଷଷ୍ଠାଧିପତି ବଳ୍ଦ ଅଷ୍ଟମରେ, ରାହୁଙ୍କ ଦୃଷ୍ଟି, ଶନି ଓ ଶୁକ୍ରଙ୍କ ଷଷ୍ଠ ସ୍ଥାନକୁ ଦୃଷ୍ଟି । ତେଣୁ ସେ ସଦାରୋଗୀ, ରୁଗ୍ଣଣ, ଏବଂ ଅଷ୍ଟମ ଚନ୍ଦ୍ର ଯୋଗୁ ନିୟନ୍ତ୍ରୁ ପାପ୍ତ ହୋଇଥିଲେ । ଚନ୍ଦ୍ରଶେଖରଙ୍କ ପୂର୍ବରୁ ଶ୍ୟାମବନ୍ଧୁଙ୍କ ବେଗେତି ସନ୍ତାନ ମରିଯାଇଥିବାରୁ ଲୋକଚାର ଅନୁସାରେ ଚନ୍ଦ୍ରଶେଖରଙ୍କୁ ପଠାଣି ବୋଲି ଡାକ ନାମ ଦିଆଯାଇଥିଲା । ଚନ୍ଦ୍ରଶେଖରଙ୍କର ବାଲ୍ୟ ଶିକ୍ଷା ପାଟଦର୍ଷରୁ ଆରମ୍ଭ ହୋଇଥିଲା । ସାତ ବର୍ଷ ବୟସରେ ସେ ଅକ୍ଷର ଶିକ୍ଷା , ପଣିଜିଆ ଓ ଅମରକୋଷ ଅଭିଧାନ ଅଧ୍ୟୟନ ଶେଷ କରିସାରିଥିଲେ । ପନ୍ଦର ବର୍ଷ ବୟସ ବେଳକୁ ସେ ଗଣ୍ଡଦର୍ଶ, ଜୁମାର ସମ୍ବନ, କିରାତାର୍

## ଜିଲ୍ଲା କଂଗ୍ରେସ ପକ୍ଷରୁ ୧୩୯ ତମ ସ୍ଥାପନା ଦିବସ ପାଳିତ

ବରଗଡ,୨୯/୧୨(ନି/ପ୍ର) : ଗୁରୁବାର ଅଖିଳ ଭାରତ କଂଗ୍ରେସ କମିଟିର ୧୩୯ ତମ ସ୍ଥାପନା ଦିବସ । ବରଗଡ଼ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ସଭାପତି ଶ୍ରୀ ନିହାର ରଞ୍ଜନ ମହାନନ୍ଦଙ୍କ ସଭାପତିତ୍ୱରେ ପ୍ରସ୍ତାବିତ ବରଗଡ଼ କଂଗ୍ରେସ ଭବନ ଠାରେ ବଜାସ୍ତ ପତକା ଉତ୍ତଳନ ଓ କେକ୍ କାଟି ସ୍ଥାପନା ଦିବସ ପାଳନ କରାଯାଇଥିଲା । ଏହି ଅବସରରେ ସଭାପତି ସମସ୍ତଙ୍କୁ ଅହ୍ୱାନ କରିଥିଲେଯେ ଆମେ ସମସ୍ତ କଂଗ୍ରେସ କର୍ମକର୍ତ୍ତାଗଣ ଏକ ହୋଇ ୨୦୨୪ ନିର୍ବାଚନ ଲଢ଼ିବା ବିଜୟ ଆମର ସୁନିଶ୍ଚିତ ବୋଲି କହିଥିଲେ । ସ୍ଥାପନା ଦିବସ ପାଳନ ସମୟରେ ଉପସ୍ଥିତ ସର୍ବଶ୍ରୀ ସରୋଜ କୁମାର ଷଡଙ୍ଗୀ, ଗୌରାଙ୍ଗ ନାୟକ, ମୋତିଲାଲ ବାଶ, ନିପନ କୁମାର ବାଶ, ସରୋଜ ମହାପାତ୍ର, ବୁଦ୍ଧା ମହାଜୁଡ଼, ସୁଲେନ୍ଦୁ ସାହୁ, ପ୍ରଭାତ ଚନ୍ଦ୍ର ନାୟକ, ମନୋହର ପ୍ରଧାନ, ଅମିତ ଆଚାର୍ଯ୍ୟ, ଅମିତ କୁମାର ନାୟକ, ଆଶିଷ ବେହେରା, ରମାକାନ୍ତ ଭୋଇ, ଆକାଶ ପତି, ସନ୍ତୋଷ ସାହୁ ଓ ଅନେକ କଂଗ୍ରେସ ଶୁଭେଚ୍ଛୁ ଉପସ୍ଥିତ ଥିଲେ ।

## ଦୁଷ୍କର୍ମ ଅଭିଯୋଗ କଲେ ପରିବାର ବର୍ଗ

ନବରଙ୍ଗପୁର,୨୯/୧୨(ନି/ପ୍ର) : ଜିଲ୍ଲା ରାଇଘର ବ୍ଲକ ହାଟଭରାଣ୍ଡି ଆଶ୍ରମ ବିଦ୍ୟାଳୟର ଜଣେ ଷଷ୍ଠ ଶ୍ରେଣୀର ଛାତ୍ରୀଙ୍କୁ ଉକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ଏବଂ ସହକାରୀ ଶିକ୍ଷକ ଦୁଷ୍କର୍ମ କରିଥିବା ମାମଲାର ଦୁଇ ମାସ ନ ପୁରୁଣୁ ପୁଣି ନବରଙ୍ଗପୁର ଜିଲ୍ଲା କୁନ୍ଦେଇ ଥାନାରେ ଏକ ଅସବାଚରଣ ମାମଲା ରୁଜୁ ହୋଇଛି । ପରିତିପାରା ଉକ୍ତ ବିଦ୍ୟାଳୟର ଜଣେ ଛାତ୍ରୀଙ୍କୁ ଉକ୍ତ ବିଦ୍ୟାଳୟର ଜଣେ ପିଅନ ଅସବାଚରଣ କରିଥିବା ଅଭିଯୋଗ ହେବା ପରେ କୁନ୍ଦେଇ ପୁଲିସ ଅଭିଯୁକ୍ତକୁ ଅଟକ ରଖି ପଚରାଉଚରା ଚଲାଇଛି । ସୂତନା ଅନୁଯାୟୀ ପରତିପାରା ଉକ୍ତ ବିଦ୍ୟାଳୟର ୧୦ ମ ଶ୍ରେଣୀର ଛାତ୍ରୀ ଛୁଟିରେ ଘରକୁ ଯାଇଥିବା ବେଳେ ତାର ଟେଷ୍ଟପେପର ହୋଷ୍ଟେଲ୍ ରେ ରହି ଯାଇଥିଲା କ୍ଷ ପାଠ ପଢାରେ ଅସୁବିଧା ହେବାରୁ ସେ ଗତ ୨୩ ତାରିଖ ଦିନ ନିଜ ଭାଇ ସହିତ ଟେଷ୍ଟ ପେପର ଆଣିବାକୁ ହୋଷ୍ଟେଲ୍ କୁ ଯାଇଥିଲେ ସେଠାରେ ପିଅନ ଇନ୍ଦ୍ର ରାମ ଗଣ୍ଡ ହୋଷ୍ଟେଲ୍ ରୁମ୍ ଖୋଲି ଛାତ୍ରୀଙ୍କ ପେଢ଼ିରୁ ଟେଷ୍ଟ ପେପର ଦେବା ସମୟରେ ନିଛାଟିଆ ର ସୁଯୋଗ ନେଇ ଉକ୍ତ ଛାତ୍ରୀଙ୍କୁ ଦୁଷ୍କର୍ମ ପାଇଁ ଚେଷ୍ଟା କରିଥିଲେ । ଛାତ୍ରୀଙ୍କୁ ଟଣା ଓଟରା କରିବା ସମୟରେ ସେଠାରୁ କୌଣସି ମତେ ଛାତ୍ରୀ ଭଣକ ଖସି ଆସି ଭାଇ ସହିତ ଜାଇ କାନ୍ଦି ଘରକୁ ଫେରି ପରିବାର ଲୋକଙ୍କୁ ସମସ୍ତ ଘଟଣା ଜଣାଇଥିଲେ । ଏହା ପରେ ଛାତ୍ରୀଙ୍କ ବାପା କୁନ୍ଦେଇ ଥାନାରେ ଲିଖିତ ଜଣାଇବା ପରେ ଥାନା ଅଧିକାରୀ ପ୍ରଣାନ୍ତ କୁମାର ସେଠୀ ଥାନା କେଶ ନମ୍ବର ୧୧୯/୨୦୨୩ ରେ ମାମଲା ରୁଜୁ କରି ଅଭିଯୁକ୍ତ ଇନ୍ଦ୍ର ରାମ ଗଣ୍ଡଙ୍କୁ ଗିରଫ କରି ତଦନ୍ତ ଆରମ୍ଭ କରିଛନ୍ତି । ଆସନ୍ତା କାଲି ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯିବ ବୋଲି ଥାନା ଅଧିକାରୀ ଶ୍ରୀ ସେଠୀ ପ୍ରକାଶ କରିଛନ୍ତି ।

## ପର୍ବୁଶତୁତାକୁ କେନ୍ଦ୍ରକରି ଏସିଡ ମାଡ଼ ଯୋଗୁ ତିନଜଣ ଆହତ

ଫୁଲବାଣୀ,୨୯/୧୨(ନି/ପ୍ର): ଫୁଲବାଣୀ ଟାଉନ ଥାନା ଅନ୍ତର୍ଗତ ଶଣୀ ପାନ ଦୋକାନ ଛକରେ ଏସିଡ ଆକ୍ରମଣରେ ତିନି ଜଣ ଆହତ ହୋଇଛନ୍ତି । ଆହତ ମାନେ ଚନ୍ଦ୍ର ମହାନ୍ତି, ସୁରଜ ମହାନ୍ତି ଓ ରାକେଶ ମିଶ୍ର । ତେବେ ଆକ୍ରମଣକାରୀ ପ୍ରମୋଦ ସାହୁଙ୍କୁ ସ୍ଥାନୀୟ ଲୋକ ଜାଣୁ କରି ମାଡ଼ ମାରିବାରୁ ସେ ମଧ୍ୟ ଆହତ ହୋଇଛି । ସମସ୍ତ ଆହତଙ୍କୁ ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ଖବର ପାଇ ଟାଉନ ଥାନା ପୋଲିସ

ଘଟଣା ସ୍ଥାନରେ ପହଂଚି ତଦନ୍ତ ଆରମ୍ଭ କରିଥିଲେ । ଏବଂ ଫୁଲବାଣୀ ଏସ୍ ଡି ପି ଓ ଶ୍ରୀଯୁକ୍ତ ସୁପ୍ରସନ୍ନ ମଣ୍ଡିଙ୍କ ସୂଚନା ଅନୁସାରେ ଦୁଇ ସାଙ୍ଗ ସୁରଜ ଓ ରାକେଶ ଶଣୀ ଛକରେ ବାଇକ ଉପରେ ବସିଥିବା ସମୟରେ ସେଠିକାର ପାନ ଦୋକାନି ପ୍ରମୋଦ ନାମକ ଜଣେ ବ୍ୟକ୍ତି ଏସିଡ ଆଣି ସୁରଜର ମୁହଁକୁ ଫିଙ୍ଗି ଦେଇଥିଲା ଏବଂ ସେଥିରୁ କିଛି ଏସିଡ ରାକେଶ ଉପରେ ମଧ୍ୟ ପଡ଼ିଥିଲା । ସୁରଜର ବାପା ଚନ୍ଦ୍ର ମହାନ୍ତି ଏହି ଖବର ଶୁଣି ସେଠାକୁ ଆସିବାରୁ ପ୍ରମୋଦ ତାଙ୍କ ଉପରକୁ ମଧ୍ୟ ଏସିଡ ଫିଙ୍ଗିଥିଲା ।ଏହି ସମୟରେ ସ୍ଥାନୀୟ ଲୋକେ ପ୍ରମୋଦଙ୍କୁ ଜାଣୁ କରିବା ସହ ନିର୍ଧୂମ ଛେଡିଥିଲେ । ପୋଲିସ ପ୍ରମଦ ସାହୁ କୁ ଗିରଫ କରିଛି । ଲୋକଙ୍କ ମାଡ଼ରେ ଆହତ ହୋଇଥିବା ପ୍ରମଦ ସାହୁଙ୍କୁ ଚିକିତ୍ସା କରିବା ସହିତ ଜୋଟ ଫରଣ୍ଡାଡ କରିଛନ୍ତି । ପୂର୍ବ ଶତୁତାକୁ କେନ୍ଦ୍ର କରି ଏସିଡ ଆକ୍ରମଣ ହୋଇଥିବା ଏସ୍ ଡି ପିଓ ସୁପ୍ରସନ୍ନ ମଣ୍ଡିଙ୍କ କହିଛନ୍ତି ।

## ଡାକ୍ତରୀ ଛାତ୍ରଙ୍କ ଆନ୍ଦୋଳନ : ରୋଗୀସେବା ବାଧାପ୍ରାପ୍ତ

ବଲାଙ୍ଗୀର,୨୯/୧୨(ନି/ପ୍ର): ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜରେ ଡାକ୍ତରଙ୍କୁ ମାଡ଼ ଘଟଣାର ପ୍ରତିବାଦରେ ଆଜି ବି ଆନ୍ଦୋଳନ ଜାରି ରଖିଛନ୍ତି । ଏହାଫଳରେ ରୋଗୀସେବା ବାଧାପ୍ରାପ୍ତ ହୋଇଛି । ଓପିଡି ବନ୍ଦ ହୋଇଥିବା ଜଣାଯାଇଛି । ଏଣେ ମେଡିକାଲ ପରିସରରେ ଡାକ୍ତରୀ ଛାତ୍ର ଓ ପବ୍ଲିକ ମଧ୍ୟରେ ଠେଲାପେଲା ଓ ଉତ୍ତେଜନା ପରିଲକ୍ଷିତ ହୋଇଛି । ଡାକ୍ତରୀ ଛାତ୍ରମାନେ ମେଡିକାଲ ପରିସରକୁ ଆମ୍ବୁଲାନସକୁ ମଧ୍ୟ ଛାଡ଼ିଲେ ନାହିଁ । ଘଟଣାସ୍ଥଳରେ ପୁଲିସ ପହଂଚି ବୁଝାସୁଝା କରୁଥିଲେ ବି ଆନ୍ଦୋଳନରତ ଡାକ୍ତରମାନେ କିଛି ମାନୁଥିବା ଅଭିଯୁକ୍ତକୁ ଗିରଫ କରିବା ସହ କଠୋର ଦଣ୍ଡ ଲାଗି ଦାବି ହୋଇଛି । ଏହାଛଡ଼ା ଡାକ୍ତରଙ୍କୁ ସୁରକ୍ଷା ଦେବାକୁ ଆନ୍ଦୋଳନରତ ଡାକ୍ତରମାନେ ଦାବି କରିଛନ୍ତି । ସୂଚନାଯୋଗ୍ୟ, ବଲାଙ୍ଗୀରସ୍ଥିତ ଭୀମ ଭୋଇ ମେଡିକାଲ କଲେଜ୍ ଡାକ୍ତରଖାନାର ଡା. ବିଶ୍ୱଜଂଜନ ସାହୁଙ୍କୁ ଆକ୍ରମଣ ହୋଇଥିଲା । ସ୍ଥାନୀୟ ଡ୍ରାହୁଣପଡ଼ା ନିବାସୀ ଡା. ସାହୁଙ୍କୁ ଦୁଇ ଜଣ ଦୁର୍ବୃତ୍ତ ଡାକି ଅତର୍କିତ ଆକ୍ରମଣ କରି ଫେରାର ମାରିଥିଲେ । ଆକ୍ରମଣରେ ତାଙ୍କ ମୁଣ୍ଡ ଓ ହାତରେ ଆଘାତ ଲାଗିଥିବା ବେଳେ ତାଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇଥିଲା । ପ୍ରକାଶ ଯେ, ଡା. ବିଶ୍ୱରଞ୍ଜନ ସାହୁ ହାଉସ ସର୍ଜନ ଭାବେ ସ୍ତ୍ରୀ ଓ ପ୍ରସୂତି ବିଭାଗରେ କାମ କରୁଛନ୍ତି । ଗୁରବାର ଦିନ ସେ ଆଉଟଡୋର କାମ ସାରି ଡା. ବିଶ୍ୱ କଲ୍ୟାଣ ମିର୍ଦ୍ଧାଙ୍କ ସହ ମେଡିକାଲସ୍ଥିତ ଡ୍ୱାର୍ଟରକୁ ଫେରୁଥିଲେ । ଏହି ସମୟରେ ଦୁଇ ଜଣ ଦୁର୍ବୃତ୍ତ ବାଇକ୍ ( ଓଡି ୦୫-ସି ୯୬୮୪)ରେ ତାଙ୍କୁ ପିଛା କରି ଶାନ୍ତିପଡ଼ା ଗ୍ରିଡ ପାଖରେ ସେମାନଙ୍କୁ ଅଟକାଇଥିଲେ । ଡାକ୍ତରମାନେ ଅଟକିବା ପରେ ଦୁର୍ବୃତ୍ତମାନେ ତୁ ଲାଜିଁବି ମୋ ଷ୍ଟାର ସୁପ୍ରୀମକୁ ଛୁଇଁଲୁ ବୋଲି କହିବା ସହ ଡା. ସାହୁଙ୍କୁ ନିଜୁକ ମାଡ଼ ମାରିଥିଲେ । ଡାକ୍ତର ଜଣକ ଜୀବନ ବଂଚାଇବା ପାଇଁ ଦୌଡ଼ି ପଳାଇବାକୁ ଚେଷ୍ଟା କଲାବେଳେ ଦୁର୍ବୃତ୍ତମାନେ ସେଠାରୁ ଫେରାର ହୋଇଯାଇଥିଲେ । ସାଙ୍ଗରେ ଥିବା ଡାକ୍ତର ଆହତ ଡା. ସାହୁଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ମେଡିକାଲ କଲେଜ ପକ୍ଷରୁ ଏନେଇ ଟାଉନ ଥାନାରେ ଏତଲା ଦିଆଯାଇଛି ।

## ଅଚିହ୍ନା ରୋଗରେ କୁକୁର ଆକ୍ରାନ୍ତ

ହରଭଙ୍ଗା ,୨୯/୧୨(ନି/ପ୍ର) : ସମ୍ପ୍ରତି ହରଭଙ୍ଗା ବ୍ଲକରେ କୁକୁରଙ୍କ ଦେହରେ ଏକ ଅଚିହ୍ନା ରୋଗର ଲକ୍ଷଣ ଦେଖା ଦେଇଛି । ଏଭଳି ରୋଗରେ ଆକ୍ରାନ୍ତ ଥିବା କୁକୁର ସବୁ ସଠିକ୍ ଭାବେ ଚାଲି ବୁଲି ପାରୁ ନଥିବା ଭଳି ଲକ୍ଷଣ ଦେଖାଦେଇଛି । ଚାଲିଲା ସମୟରେ ଆପେ ଆପେ ଢଳି ପଡୁଥିବା

ଲକ୍ଷଣ ସହିତ ଚାଲି ବୁଲି ନପାରି କଷ୍ଟରେ ଜୋରରେ ରଡି କରୁଥିବା ଦେଖା ଦେଇଛି । ଏଭଳି ଲକ୍ଷଣ କୁକୁରମାନଙ୍କ ଦେହରେ ମାସେବେଳେ ଦେଖା ଦେଇଛି । ମାତ୍ର ଏ ସମ୍ପର୍କରେ ପ୍ରାଣୀ ଚିକିତ୍ସା ବିଭାଗ ପାଖରେ ଖବର ନଥିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ବିଶେଷତଃ ହରଭଙ୍ଗା ବଜାର ଅଂଚଳରେ ରହିଥିବା ଅନେକ କୁକୁରମାନଙ୍କ ଦେହରେ ଏହି ଲକ୍ଷଣ ଦେଖିବାକୁ ମିଳିଛି । ତୁରନ୍ତ ଏ ଦିଗରେ ପ୍ରାଣୀ ଚିକିତ୍ସା ବିଭାଗ ସ୍ୱତନ୍ତ୍ର ଦୃଷ୍ଟିଦେବାକୁ ଦାବୀ ଉଠୁଛି ।

## ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା ଜଲେ କୃଷି ମୁଖ୍ୟ ଶାସନ ସଚିବ

ରାୟଗଡ଼ା,୨୯/୧୨(ନି/ପ୍ର): କୃଷି ଓ କୃଷକ ସଶକ୍ତୀକରଣ ତଥା ହସ୍ତତନ୍ତ, ବୟନ ଶିଳ୍ପ ଓ ହସ୍ତାଶୀଳ୍ପ ବିଭାଗ ଓଡ଼ିଶା ସରକାରଙ୍କ ପ୍ରମୁଖ ଶାସନ ସଚିବ ଡ଼. ଅରବିନ୍ଦ କୁମାର ପାଢ଼ୀ ଆଜି ବିନିକିଆ ରାୟଗଡ଼ା ଜିଲ୍ଲା ଗସ୍ତରେ ଆସି ପ୍ରାଣୀ ସମ୍ପଦ, ଉଦ୍ୟାନ କୃଷି, ଜଳ ବିଭାଜିକା, ମତ୍ସ୍ୟ ଓ କୃଷି ବିଭାଗର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି । ଆଜି ପୂର୍ବାହ୍ଣରେ

ସ୍ଥାନୀୟ ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ବିଭାଗୀୟ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ । କୃଷି ବିଭାଗର ସମୀକ୍ଷା କରି ଜିଲ୍ଲାରେ ମାଣ୍ଡିଆ ଚାଷ ପ୍ରତି ଅଧିକ ଗୁରୁତ୍ୱ ଦେବା ସହ ପୁଷ୍ଟିକର ଶସ୍ୟ ମାଣ୍ଡିଆର ଅଧିକା ଚାହିବା ବୃଦ୍ଧି ପାଇଁ ମିଳେତ ମିସନକୁ ଅଧିକା କ୍ରିୟାଶୀଳ ପାଇଁ ଶ୍ରୀ ପାଢ଼ୀ ପରାମର୍ଶ ଦେଇଥିଲେ । ସେହିପରି ପ୍ରାଣୀ ସମ୍ପଦ ବିଭାଗର ସମୀକ୍ଷା କରି ଜିଲ୍ଲାରେ କୁକୁଡ଼ା ଚାଷ, ଛେଳି ଚାଷ, ଘୁଷୁରୀ ଚାଷ ବିଷୟରେ ପଚାରି ବୁଝିଥିବା ବେଳେ ଉଦ୍ୟାନ କୃଷି, ସୋଲାର ଲୋଲୁଡ଼ ଗୁମ, ଏମଜେୟୁଖାଇ ଯୋଜନା ସହ କୃଷି ବିଭାଗର ବିଭିନ୍ନ ଯୋଜନାଗୁଡ଼ିକ ଉପରେ ସମୀକ୍ଷା କରିଥିଲେ । ଏହି ସମୀକ୍ଷା ବୈଠକରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ମନୋଜ କୁମାର ପ୍ରଧାନ, ଜିଲ୍ଲା ପ୍ରାଣୀ ସମ୍ପଦ ବିଭାଗ ଅଧିକାରୀ ଡାକ୍ତର ହାଡିବନ୍ଧୁ ଭୋଇ, ଜଳ ବିଭାଜିକା ମିସନ ପ୍ରକଳ୍ପ ଅଧିକାରୀ ଡ଼ଃ. ବୟାନିଧି ବାଗ, ଜିଲ୍ଲା ମତ୍ସ୍ୟ ବିଭାଗ ଅଧିକାରୀ, ଉଦ୍ୟାନ କୃଷି ଉପ ନିର୍ଦ୍ଦେଶକଙ୍କ ସମେତ ବ୍ଲକ ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ରେଲୱେ ଠିକା ସଂସ୍ଥାର ମନମୁଖୀ କାର୍ଯ୍ୟ

ହରଭଙ୍ଗା,୨୯/୧୨(ନି/ପ୍ର) : ଭାଇଡ୍ରେଟରରେ ନିମ୍ନମାନର କଂକ୍ରିଟ ରାସ୍ତା ନିର୍ମାଣକୁ ନେଇ ବିଜାମଚନ୍ଦ୍ରପୁର ଗ୍ରାମରେ ରେଲୱେ ଠିକା ସଂସ୍ଥାର ମନମୁଖୀ କାର୍ଯ୍ୟକୁ ଗାଁ ଲୋକେ ବିରୋଧ କରିଥିବା ଜଣାପଡିଛି । ପ୍ରକାଶ ଯେ ବିଜାମଚନ୍ଦ୍ରପୁର ଗ୍ରାମରେ ଲେବୁଭ ଭୁଙ୍ଗି ପାଇଁ ରେଲୱେ ଠିକା ସଂସ୍ଥା ପକ୍ଷରୁ ଏକ କଂକ୍ରିଟ ରୋଡ଼ ନିର୍ମାଣଧିନ ରହିଛି । ରାତି ଅଧରେ ବିନା ମେଟାଲିଂ, ବିନା ବୃଷ୍ଟି ଦେବାକୁ ଦାବୀ ହେଉଛି ।

## ଗୋପବନ୍ଧୁ ବିଜ୍ଞାନ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

ଆଠଗଡ,୨୯/୧୨(ନି/ପ୍ର) : ଆଠଗଡସ୍ଥିତ ଗୋପବନ୍ଧୁ ବିଜ୍ଞାନ ମହାବିଦ୍ୟାଳୟ ଏବଂ ଗୋପବନ୍ଧୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ମିଳିତ ବାର୍ଷିକ ଉତ୍ସବ ଏବଂ ନୂଆ-ଓ କାର୍ଯ୍ୟକ୍ରମର ଉଦଯାପନୀ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଆଠଗଡ଼ିଧାୟକ ତଥା କୃଷିମନ୍ତ୍ରୀ ରାଜେନ୍ଦ୍ର ପ୍ରତାପ ସ୍ୱାଇଁ ମୁଖ୍ୟଅତିଥି, ବିଶିଷ୍ଟ ସାହିତ୍ୟିକ ଡ଼ଃ ନାରାୟଣ ପଣ୍ଡା ମୁଖ୍ୟବକ୍ତା ଏବଂ ସମ୍ମାନିତ ଅତିଥି ରୂପେ ଏନଏସି ଅଧକ୍ଷା ସମ୍ବିତା ରାଉତ

ଯୋଗଦେଇ ନିଜର ବକ୍ତବ୍ୟ ରଖିଥିଲେ । ମନ୍ତ୍ରୀ ଶ୍ରୀ ସ୍ୱାଇଁ ନିଜ ବକ୍ତବ୍ୟରେ ନୂଆ ଓଡିଶା ଓ ସୁସ୍ଥ ବିକାଶ କାର୍ଯ୍ୟକ୍ରମର ଉଦେଶ୍ୟ ସମ୍ପର୍କରେ କହିବାକୁ ଯାଇ ରାଜ୍ୟକୁ ବିକଶିତ କରିବାରେ ଯୁବପିଢିଙ୍କ ସହଭାଗିତାକୁ ପ୍ରୋତ୍ସାହିତ କରିବା ଏହାର ଲକ୍ଷ ବୋଲି ମତପ୍ରକାଶ କରିଥିଲେ । ଅଧକ୍ଷ ଡ଼ଃ ଲୋକନାଥ ସାହୁ ଏହି କାର୍ଯ୍ୟକ୍ରମରେ ପୌରହିତ୍ୟ କରିଥିବାବେଳେ ନୋଡାଲ ଅଧିକାରୀ ପ୍ରାଧ୍ୟାପକ ବେଦେଶ୍ର ନନ୍ଦନ ରଥ ଅତିଥି ପରିଚୟ ପ୍ରଦାନ କରିଥିଲେ । ଅଧ୍ୟାପକ ଡଃ ବିଜରଞ୍ଜନ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଛାତ୍ରୀ, ସମାଜସେବା, ସାହିତ୍ୟ, ସାଂସ୍କୃତିକ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା ।ପରେ ଚଳଚିତ୍ର ତାରକା ତଥା ନୃତ୍ୟ ନିର୍ଦ୍ଦେଶିକ ଲୁନ ବୁନ୍ଦନ ଏବଂ ଜଣ୍ଡଶିଳ୍ପୀ ଅର୍ପିତା ଚୌଧୁରୀଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା, କର୍ମଚାରୀ ଏବଂ ଛାତ୍ରଛାତ୍ରୀ ମାନେ ସହଯୋଗ କରିଥିଲେ ।

## ଭବାନୀପାଟଣାରୁ ବିଶାଖାପାଟଣାକୁ ଗଡ଼ିଲା ଟ୍ରେନ୍

ଭବାନୀପାଟଣା,୨୯/୧୨(ନି/ପ୍ର): ଲୋକସଭା ସାଂସଦ ବସନ୍ତ ପଣ୍ଡା ଓ ରାଜ୍ୟସଭା ସାଂସଦ ସୁଜିତ କୁମାର ଭବାନୀପାଟଣା ରେଳ ଷ୍ଟେସନରେ ଭବାନୀପାଟଣା ବିଶାଖାପାଟଣା ପାସେଞ୍ଜର ସମ୍ପ୍ରସାରଣ ଟ୍ରେନ୍‌କୁ ଆରମ୍ଭ କରିଥିଲେ । ଟ୍ରେନ ନମ୍ବର ୦୮୫୦୪/୦୮୫୦୩ ବିଶାଖାପାଟଣା ରାୟଗଡ଼ା ବିଶାଖାପାଟଣା ପାସେଞ୍ଜର ଟ୍ରେନ୍‌କୁ ଭବାନୀପାଟଣା ପର୍ଯ୍ୟନ୍ତ ସମ୍ପ୍ରସାରଣର ଆରମ୍ଭ କରାଯାଇଛି । ଏହି ଟ୍ରେନ ପ୍ରତିଦିନ ଚଳାଚଳ କରିବ । ଭବାନୀପାଟଣାରୁ ଏହି ଟ୍ରେନ ରାତି ୧ଟା ୧୫ ମିନିଟ୍‌ରେ ଛାଡ଼ିବ ଏବଂ ବିଶାଖାପାଟଣାରେ ସକାଳ ୧୦ ଟାରେ ପହଂଚିବ । ସେହିଭଳି ବିଶାଖାପାଟଣାରୁ ସନ୍ଧ୍ୟା ୬ ଘଂଟାରେ ବାହାରି ରାତି ୧୨. ୪୫ମି.ରେ ପହଂଚିବ । ସମ୍ପ୍ରସାରିତ ପରେ ଏହି ଟ୍ରେନ ରାୟଗଡ଼ା ପରେ ସିଙ୍ଗାପୁର ରୋଡ୍, ଥେରୁବାଲି, ବିଷମକଟକ, ମୁନିଗୁଡା, ବଦିଖାଲ, ଅମ୍ବାଦଲା, ଲାଞ୍ଜିଗଡ଼ ରୋଡ୍, ଜି ରାମଚନ୍ଦ୍ରପୁର, ଦେବୁଗ ଷ୍ଟେସନ ଗୁଡିକରେ ରହଣି କରିବ । ଗତବାଲି ରାତି ୧. ୧୫ ମି.ରେ ଏହି ଟ୍ରେନ୍ ଆରମ୍ଭ ହୋଇଥିଲା । ଏ ଅବସରେ ଅନ୍ୟମାନଙ୍କ ମଧ୍ୟରେ ସମ୍ବଲପୁର ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ଆନନ୍ଦ ବିଂ, ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ ସୁଖରାମ ହୋରୋ ପ୍ରମୁଖ ଉପସ୍ଥିତ ଥିଲେ ।

## ଧାରଣା ପରେ ଧାରଣା ; ବିସ୍ଥାପିତ ଦୋକାନୀଙ୍କ ମନଉଣା

ଭବାନୀପାଟଣା,୨୯/୧୨(ନି/ପ୍ର): ଦୋକାନ ଘର ଖଣ୍ଡିକ ପାଇବାକୁ ସହରର ବିସ୍ଥାପିତ ଦୋକାନୀମାନେ ବାର ଦୁଆର ହେଉଛନ୍ତି, ଧାରଣା ପରେ ଧାରଣା ଦେଉଛନ୍ତି । ଅଥଚ ବିସ୍ଥାପିତ ଦୋକାନୀଙ୍କ ଗୁହାରି ନଗରପାଳିକା କର୍ତ୍ତୃପକ୍ଷ ଶୁଣୁନାହାନ୍ତି । ଫଳରେ ଏବେ ପୁଣିଥରେ ଅନିର୍ଦ୍ଦିଷ୍ଟ କାଳ ଯାଏଁ ଧାରଣା ଦେବାକୁ ଚେତାବନୀ ଦେଇଛି ବିସ୍ଥାପିତ ଦୋକାନୀ ସଂଘ । ବିସ୍ଥାପିତଙ୍କ ଦାବି ପ୍ରତି ନଗରପାଳିକା କର୍ତ୍ତୃପକ୍ଷ ଯତ୍ନଶୀଳ ହେବାରୁ ଦାବି କରି ଶୁକ୍ରବାର



ନଗରପାଳିକା ସମ୍ମୁଖରେ ଏକ ଦିବସୀୟ ଧାରଣା ଦେଇ ନଗରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ସେହି ମର୍ମରେ ଏକ ଦାବି ପତ୍ର ପ୍ରଦାନ କରିଛି ସଂଘ । ଭଲ୍ଲେଖଯୋଗ୍ୟ ଯେ, ସହରର ସୋନାର୍ଯ୍ୟକରଣ, ରାସ୍ତା ଚଉଡା ଆଦି ପାଇଁ ଅତୀତରେ ରାସ୍ତାଛଡ଼ ଦୋକାନୀଙ୍କୁ ଉଚ୍ଛେଦ କରାଯାଇଥିଲା । ବିଭିନ୍ନ ସମୟ ରେ ସେମାନଙ୍କୁ ଦୋକାନ ଘର ଦେବାକୁ ପ୍ରତିଶ୍ରୁତି ମଧ୍ୟ ଦିଆ ଯାଇଥିଲା । ଅଥଚ ଦାବି ପୂରଣ ନ ହେବାରୁ ଗତ ବର୍ଷ ନଭେମ୍ବରରେ ସଂଘ ଧାରଣା ଦେଇଥିଲା । ନଗରପାଳିକା ପକ୍ଷରୁ ଦୋକାନ ଦିଆଯିବାକୁ ପ୍ରତିଶ୍ରୁତି ପରେ ୪୭ ଦିନର ଧାରଣାକୁ ବିସ୍ଥାପିତ ଦୋକାନୀ ମାନେ ପ୍ରତ୍ୟାହୃତ କରିଥିଲେ । ଅଥଚ ସହରର ବିଭିନ୍ନ ଛକରେ ନଗରପାଳିକା ର ଦୋକାନ ଗୃହ ଗୁଡିକ ତିଆରି ହୋଇ ସାତ ବର୍ଷ ହେବ ପଡିରହିଛି । କିନ୍ତୁ ଏଯାଏଁ ଆବଂଟନ ହେଲାନାହିଁ । ସେହି ଦୋକାନ ଗୃହ ପାଇବା ପାଇଁ ବିସ୍ଥାପିତ ଦୋକାନୀ ସଂଘ ସଦସ୍ୟ ମାନେ ଗତବର୍ଷ ନଭେମ୍ବର ୧୫ ତାରିଖଠାରୁ ଭବାନୀପାଟଣା ନଗରପାଳିକା ସମ୍ମୁଖରେ ୪୭ ଦିନ ଧାରଣାରେ ବସିଥିଲେ ।

## ପଦ୍ମପୁର ଜିଲ୍ଲାରେ ନ ମିଶିବା ଦାବିରେ

### ୧୨

## ରାଉରକେଲା ମାଇନିଂ ଏରିଆ ଟ୍ରକ୍ ଏଣ୍ଡ୍ ଟିପର୍ ଓନର୍ସ ଆସୋସିଏସନର ନୂତନ ମୂଲ୍ୟ ନିର୍ଦ୍ଧାରିତ

ରାଉରକେଲା ୨୯/୧୨, ଜିଲ୍ଲା ପ୍ରଶାସନ ପକ୍ଷରୁ ରାଉରକେଲା ମାଇନିଂ ଏରିଆ ଟ୍ରକ୍ ଏଣ୍ଡ୍ ଟିପର ଓନର୍ସଆସୋସିଏସନ୍ ପାଇଁ ଏକକ ରେଟ ପାଇଁ ପ୍ରଶାସନ ପାଖରେ ବିଗତ ଦୁଇ ବର୍ଷଧରି ଚେଷ୍ଟା କରି ଆସୁଥିବା ପରିଶ୍ରମ ଆଜି ସାର୍ଥକ ହୋଇପାରିଛି ବୋଲି ଆଜି ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି । ଏହା ସହିତ ଜୋଡ଼ା, ଟେଙ୍ଗା, ରାଜାମୁଣ୍ଡା, ଲହୁଣିପଡ଼ା, କଲାଇପୋଷ, ବଣାଇ ଅଞ୍ଚଳରେ ଥିବା ସମସ୍ତ ଆସୋସିଏସନର ସମସ୍ତ ସଦସ୍ୟଙ୍କୁ ଅଭିନନ୍ଦନ ଜଣାଇ ସେମାନଙ୍କ ଦାବୀ ପୂରଣ ପାଇଁ ଆଶ୍ୱାସନା ଦିଆଯାଇଛି । ଏହି ଅବସରରେ ଟ୍ରକ ଓ ଟିପର ଓନର୍ସ ଆସୋସିଏସନ୍ ତରଫରୁ ଆଶାବ୍ୟକ୍ତ କରାଯାଇଛି ଯେ, ପ୍ରଶାସନର ଗାଡି ମାଲିକମାନଙ୍କ ପ୍ରତି ଏହି ଭଳି ସହଯୋଗ ଆଗାମୀ ଭବିଷ୍ୟତରେ ରହିବ ବୋଲି ଆଶାବ୍ୟକ୍ତ କରାଯାଇଛି । ତତସହିତ ସମସ୍ତ ଆସୋସିଏସନ ତରଫରୁ ରାଉରକେଲା ଆରକ୍ଷୀ ଅଧୀକ୍ଷକ ମିତ୍ରଭାନୁ ମହାପାତ୍ର, ବଣାଇଁ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ସ୍ୱରାଜ ଦେବତା, ବଣାଇ ଉପ-ଜିଲ୍ଲାପାଳ ସୁରଞ୍ଜନ ସାହୁଙ୍କୁ ଧନ୍ୟବାଦ୍ ଦେବା ସହିତ ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡା ଓ ପୂର୍ବତନ ବିଧାୟକ ଭୀମ ଚୌଧରୀଙ୍କୁ ମଧ୍ୟସ୍ଥ ତାଙ୍କର ପୂର୍ଣ୍ଣ ସହଯୋଗ କରିଥିବାରୁ ରାଉରକେଲା ମାଇନିଂ ଏରିଆ ଟ୍ରକ୍ ଏଣ୍ଡ୍ ଟିପର ଓନର୍ସ ଆସୋସିଏସନ୍ ତରଫରୁ କୃତଜ୍ଞତା ଜ୍ଞାପନ କରାଯାଇଅଛି । ଏହି ଅବସରରେ ଟ୍ରକ ଓ ଟିପର ଓନର୍ସ ଆସୋସିଏସନ୍ ତରଫରୁ ଆଶାବ୍ୟକ୍ତ କରାଯାଇଛି ଯେ, ପ୍ରଶାସନର ଗାଡି ମାଲିକମାନଙ୍କ ପ୍ରତି ଏହି ଭଳି ସହଯୋଗ ଆଗାମୀ ଭବିଷ୍ୟତରେ ରହିବ ବୋଲି ଆଶାବ୍ୟକ୍ତ କରାଯାଇଛି । ଆସୋସିଏସନ୍ ପକ୍ଷରୁ ପ୍ରକାଶ କରାଯାଇଛି ଯେ, ଜୋଡା ଠାରୁ ରାଉରକେଲା ଟନ୍ ପିଛା ୮୦୦ ଟଙ୍କା ନିର୍ଦ୍ଧାରଣ କରାଯାଇଛି ଏବଂ କୌଣସି ଅଧିକ ଖର୍ଚ୍ଚ ଚାଲାଣ ପାଇଁ ଲାଗିବ ନାହିଁ । ଯେଉଁ ଗାଡି ପ୍ରଥମେ ପହଞ୍ଚିବ ସେହି ଗାଡିପ୍ରଥମେ ଲୋଡି ପାଇବ । ଯେଉଁ ମାଲିକ ଏହି ନିୟମ ଭଙ୍ଗ କରିବ, ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରାଯାଇଛି । ଆୟୋଜିତ ଏହି ସାମ୍ବାଦିକ ସମ୍ମିଳନୀରେ ରାଉରକେଲା ମାଇନିଂ ଏରିଆ ଟ୍ରକ୍ ଏଣ୍ଡ୍ ଟିପର୍ ଓନର୍ସ ଆସୋସିଏସନର ସଭାପତି ଦିଲ୍ଲିପ କୁମାର ମହାନ୍ତି, କାର୍ଯ୍ୟକାରୀ ଉପସଭାପତି ସତ୍ୟମ୍ମ ମିଶ୍ର, କୋଷାଧ୍ୟକ୍ଷ ସୁମନ ବୈଦିବାଦ, ଯୁଗ୍ମସଂପାଦକ ବିଶ୍ୱମ୍ଭର ସମାର, ଯୁଗ୍ମସଂପାଦକ ବିଶ୍ୱନାଥ ସାହୁଙ୍କ ସମେତ ଉପଦେଷ୍ଟା ବିଶ୍ୱରଞ୍ଜନ ବେଉରିଆ ପ୍ରମୁଖ ଉପସ୍ଥିତ ଥିଲେ ।

## ସହିଦ୍ ପରିବାରକୁ ଭେଟିଲା ଉଦାହରଣ ଟିମ୍

ରାଉରକେଲା, ୨୯/୧୨ (ନି/ପ): ରାଉରକେଲା ର ସହିଦ ଙ୍କ ପ୍ରତି ସମର୍ପିତ ଅନୁଷ୍ଠାନ ଉଦାହରଣ ଟିମ୍ ଶହୀଦ ପରିବାରଙ୍କୁ ମନେ ପକାଇବା ସହିତ ଶହିଦ ପରିବାରଙ୍କୁ ଲୋକଲୋଚନକୁ ଆଣିବା ଓ ତାଙ୍କର ସୁବିଧା ଅସୁବିଧାରେ ସହଯୋଗ କରିବା ଲକ୍ଷ୍ୟ ରଖିଥିବା ବେଳେ ଆଜି 'ଉଦାହରଣ ଟ୍ରଷ୍ଟ' ପକ୍ଷରୁ , ଟ୍ରଷ୍ଟର ଅଧକ୍ଷ ପ୍ରାଣ୍ତନ ସିଆରପିଏଫ ଡିଆଇଜି ଦୟାନିଧି ବଡି ଙ୍କ ନେତୃତ୍ୱରେ ଟ୍ରଷ୍ଟି ସର୍ବଶ୍ରୀ ଚନ୍ଦ୍ରଶେଖର ଶତପଥୀ , ରୋହିତ କୁମାର ମହାନଦିଆ ଓ ଶଙ୍କର କେନା କେନ୍ଦୁରେ ଜିଲ୍ଲାର ଆନନ୍ଦପୁର ଗ୍ରାମକୁ ଯାଇଥିଲେ । ସେଠାରେ ସହିଦ ସୁଶାନ୍ତ ଖୁଣ୍ଟିଆଙ୍କ ଧର୍ମପତ୍ନୀ ପୂର୍ଣ୍ଣିମା ପୃଷ୍ଟି ଓ ତାଙ୍କ ପରିବାର ବର୍ଗ ସହିତ ସାକ୍ଷାତ କରି ତାଙ୍କର ଭଲମନ୍ଦ ବୁଝିଥିଲେ । ତା ସହିତ ତାଙ୍କର ସୁବିଧା ଅସୁବିଧାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇ ଆସନ୍ତା ଜାନୁୟାରୀ ୨୨ ତାରିଖ ସୋମବାର ଦିନ ରାଉରକେଲା ସିଭିକ ସେଣ୍ଟର ଠାରେ ଉଦାହରଣ ଟ୍ରଷ୍ଟ ପକ୍ଷରୁ ହେବାକୁ ଥିବା ଦ୍ୱିତୀୟ ସହିଦ ସମ୍ମାନ ସମାରୋହରେ ଯୋଗଦେବାକୁ ନିମନ୍ତ୍ରଣ କରିଥିଲେ ! ସେଠାରେ ସହିଦ ସ୍ୱର୍ଗତ ସୁଶାନ୍ତ ଖୁଣ୍ଟିଆଙ୍କ ଫଟୋଚିତ୍ରରେ ସମସ୍ତେ ପୁଷ୍ପ ଦେଇ ଶ୍ରଦ୍ଧାସୁମନ ଜଣାଇଥିଲେ ।

## ପ୍ରସ୍ତାବିତ ଜିଲ୍ଲାରେ ସାମିଲ ନହେବା ପାଇଁ ବିଜେପୁରରେ ୧୨ ଘଟିଂଆ ବନ୍ଦ ପାଳନ ସଫଳ

ବରଗଡ଼, ୨୯/୧୨:(ନି/ପ)-ସକାଳ ହେଲା ହେଲେ ବରଗଡ଼ ଜିଲ୍ଲା ବିଜେପୁର ସହରର ଦୋକାନ ବଜାର ଠାରୁ ଆରମ୍ଭ କରି ସରକାରୀ କାର୍ଯ୍ୟାଳୟ, ସ୍କୁଲ,କଲେଜ ସବୁ ସମ୍ପୂର୍ଣ୍ଣ ରୂପେ ବନ୍ଦ ହୋଇ ଯାଇଛି । ସହରର ବିଭିନ୍ନ ସ୍ଥାନରେ ଲୋକେ ବାଟୋଇ ମାନଙ୍କୁ ଅଟକାଇବା ଦେଖିବାକୁ ମିଳିଥିଲା । ତାରିଆଡେ ଅନାଇଲେ ଶୂନ୍ୟତାର ପରିଚୟରେ ଥିଲା ବିଜେପୁର ସହର । ରାସ୍ତାରେ ଗାଡ଼ି ଚଳାଚଳ ବନ୍ଦ ରହିଥିବା ସ୍ଥଳେ ଷ୍ଟେଟବ୍ୟାଙ୍କ ଅଫ ଇଣ୍ଡିଆ ଠୁ ଆରମ୍ଭ କରି ତହସିଲ କାର୍ଯ୍ୟାଳୟ, ପଚାୟତ ସମିତି କାର୍ଯ୍ୟାଳୟ, ସମସ୍ତ ସରକାରୀ ଦପ୍ତର ବନ୍ଦ ରହିଥିଲା । ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଙ୍କ ନିର୍ବାଚନୀ ଗଡ଼ ସତେ ଯେମିତି ଖାଁ ଖାଁ ଲାଗୁଥିଲା ।ରାଜ୍ୟ ସରକାରଙ୍କ ପ୍ରସ୍ତାବିତ ପଦୁପୁର ଜିଲ୍ଲା ଗଠନ କୁ ଅଞ୍ଚଳବାସୀ ସ୍ୱାଗତ କରୁଥିବା ବେଳେ, ବିଜେପୁର, ପଦୁପୁର ଠାରୁ ମାତ୍ର ୭୦ କିଲୋମିଟର ଦୂରରେ ଅବସ୍ଥିତ ଥିବା ସରକାର ବେଶ ଭଲରୂପେ ଜାଣିଥିଲେ ସୁଦ୍ଧା ବିଜେପୁରରୁ ୭୦ କିଲୋମିଟର ବ୍ୟବଧାନରେ ଥିବା ପଦୁପୁର ରେ ମିଶାଇବା ଏକ ରାଜନୈତିକ ଚାଲ୍ ଅବେ।ଏଠାରେ ସୂଚାଇ ଦେବାକୁ ଚାହୁଁଯେ,ମାତ୍ର ଡିନୋଟି ବ୍ଲକ କୁ ନେଇ ଯଦି ଗୋଟିଏ ଜିଲ୍ଲା ଅତୀତରେ ସୃଷ୍ଟି ହୋଇ ପାରିଛି ତେବେ ରାଜବୋଡାସମ୍ବର ବ୍ଲକ, ପଦୁପୁର, ଝାରବନ୍ଧ ବ୍ଲକ, ପାଇକମାଲ ବ୍ଲକ ଓ ଦୂରରୁ ଦେଖିବାକୁ ଗଲେ ଗାଇସିଲେଟ ବ୍ଲକ ପଦୁପୁର ଠାରୁ ମାତ୍ର ୩୦ କିଲୋମିଟର ବ୍ୟବଧାନରେ ଅବସ୍ଥିତ, ଏହାକୁ ନେଇକ ଆରାମରେ ଜିଲ୍ଲା ଗଠନ ହୋଇ ପାରିବ । ତେବେ ଜାହିଁକି ଦୂରତ୍ୱ ରେ ଥିବା ବିଜେପୁର ଓ ବରପାଲି କୁ ସାମିଲ କରାଯାଇଅଛି ଏହା ପ୍ରଶ୍ନବାଚୀ ସୃଷ୍ଟି କରେ ।ଯାହା ଜଣାଯାଏଯେ,ଆଗକୁ ଜିଲ୍ଲା ସଂପ୍ରସାରଣର ପ୍ରକ୍ରିୟା ରାଜ୍ୟ ସରକାର କାଗଜ ପତ୍ରରେ ରେ ବଢ଼ାଇ ପାରି ନାହାଁନ୍ତି, ତେଣୁ ଝମେଲାର ଖୁଅ ଟିଏ ଜୁଣି ଦେଇଛନ୍ତି ବୋଲି ବୁଦ୍ଧିଜୀବୀ ମହଲରେ ଜୋରବାର ଚର୍ଚ୍ଚାର ବିଷୟ ପାଲଟିଛି । ବିଜେପୁର ଅଞ୍ଚଳର ଜନସାଧାରଣ ବ୍ୟାପକ ଭାବେ ଅସୁବିଧା, ଅସୁଥା ଖର୍ଚ୍ଚୀନ ଏବଂ ଦୂରତ୍ୱକୁ ପାଥେୟ କରି ପ୍ରସ୍ତାବିତ ପଦୁପୁର ଜିଲ୍ଲାରେ କେବେହେଲେ ସାମିଲ ହେବାନାହିଁ ବିଜେପୁର ବୋଲି ଅଞ୍ଚଳ ନାଗରିକ କମିଟି ପକ୍ଷରୁ ଏହି ବନ୍ଦ ଡାକରା ଦିଆଯାଇଥିଲା । ଯାହାକୁ ନେଇ ସ୍ୱତଃ ପ୍ରବୃତ୍ତ ଭାବେ ବିଜେପୁର ବନ୍ଦ ପାଳନକୁ ସମର୍ଥନ କରି ବିଜେପୁରବାସୀ ଏକ ଐତିହାସିକ ରେକର୍ଡ ସୃଷ୍ଟି କରି ପାରିଛି ବୋଲି ଜମିଦାର ସନତ କୁମାର ଗଡତାୟା ଜନସାଧାରଣଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

## ରାଉରକେଲା ମ୍ୟୁନିସପାଲ କଲେଜ ଆଲୁମିନି ଆସୋସିଏସନ୍ ପକ୍ଷରୁ ପ୍ରଥମ ବୈଠକ

ରାଉରକେଲା, ୨୯/୧୨ (ନି/ପ):ରାଉରକେଲା ମ୍ୟୁନିସପାଲ କଲେଜ ଆଲୁମିନି ଆସୋସିଏସନ୍ ପକ୍ଷରୁ ଆଜି ଏକ ବୈଠକ କଲେଜର ୩୪ ନମ୍ବର ହଲରେ ଅନୁଷ୍ଠିତ ହୋଇଯାଇଛି । ନୂତନ ଅଧକ୍ଷ ଭାବରେ କାର୍ଯ୍ୟଭାର ଗ୍ରହଣ କରିଥିବା ଡକ୍ଟର ଅଜୟ କୁମାର ମିଶ୍ରଙ୍କ ଚଣ୍ଡାବଧାନରେ ଏହି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ କଲେଜ ଅଧକ୍ଷ ଡକ୍ଟର ଅଜୟ କୁମାର ମିଶ୍ର, ଆଲୁମିନି ଆସୋସିଏସନ୍ ସଭାପତି ସୁମାଲ କାୟଲ ଏବଂ ବାଣିଜ୍ୟ ବିଭାଗ ରିଡର ଡକ୍ଟର ପ୍ରକାଶ କୁମାର ଜରଜ କରକମଚରେ ପ୍ରଦୀପ ପ୍ରଜ୍ୱଳନ କରି ସଭା କାର୍ଯ୍ୟ ଆରମ୍ଭ କରିଥିଲେ । ସର୍ବପ୍ରଥମ ଦିବଙ୍ଗତ ଆତ୍ମାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା । କଲେଜ ଅଧକ୍ଷ ଡକ୍ଟର ମିଶ୍ର ଆଲୁମିନି ଆସୋସିଏସନକୁ ପୂର୍ଣ୍ଣ ସହଯୋଗ କରିବା ସହିତ କଲେଜର ଉନ୍ନତି ଆଶିବା ପାଇଁ ସମସ୍ତ ପ୍ରଚେଷ୍ଟା କରି ରଖିବେ ବୋଲି କହିଛନ୍ତି । ଆଲୁମିନି ଆସୋସିଏସନର କାର୍ଯ୍ୟାଳୟ ପାଇଁ କଲେଜ ପରିସରରେ ଏକ ଛୋଟରୀ ଯୋଗାଇ ଦେବାକୁ ଏହି ବୈଠକରେ ଘୋଷଣା କରିଛନ୍ତି । ମୋ କଲେଜ ଅଭିଯାନରେ ସରକାରଙ୍କ ତରଫରୁ କଲେଜକୁ ବିଭିନ୍ନ ପ୍ରକାର ସହାୟତା ଯୋଗାଇ ଦିଆଯାଇଥିବା କଥା ଅଧିକ୍ଷ ଡକ୍ଟର ମିଶ୍ର ପ୍ରକାଶ କରିଛନ୍ତି । ଆୟୋଜିତ ଆଲୁମିନି ଆସୋସିଏସନ୍ ବୈଠକରେ କଲେଜ ଅଧକ୍ଷ ଡକ୍ଟର ଅଜୟ କୁମାର ମିଶ୍ରଙ୍କ ସମେତ ଆଲୁମିନି ଆସୋସିଏସନ ପକ୍ଷରୁ ପୁରାତନ ଛାତ୍ର ସୁମାଲ କାୟଲ, ଡକ୍ଟର ପ୍ରକାଶ କୁମାର ଜର, ୟୁ. କେ. ବେହେରା, ଜୁଯାପଟେନ୍ ଏସ୍. ଏନ୍. ରାଉତ ବିନୋଦ ବେହ୍, ଶ୍ରୀମତୀ ଏନ୍ କୌର, ଡି. ଆର. ମହାନ୍ତି, ପୂର୍ବତନ ଛାତ୍ର ବିଲ୍ଲୀପ ଶର୍ମା, ସଞ୍ଜୟ କୁମାର ମିଶ୍ର, ଚଟଲ୍ କେଡିଆ, ସୁଧିର ମିଶ୍ର, ରାଜଲକ୍ଷ୍ମୀ ଦାସ, ବିଜନ କୁମାର ବଲ, ପ୍ରିୟଙ୍କା ପାଣି, ଶ୍ରଦ୍ଧାଞ୍ଜଳି ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ଶିଶୁଙ୍କ ପାଇଁ ଦିନଟିଏ ଜିଲ୍ଲାସ୍ତରୀୟ ବୈଠକ

ଖୋର୍ଦ୍ଧା,୨୯/୧୨ (ନି/ପ): ଶିଶୁଙ୍କ ପାଇଁ ଦିନଟିଏ ଜିଲ୍ଲା ସ୍ତରୀୟ ବୈଠକ ତଥା ଜିଲ୍ଲା ସ୍ତରୀୟ ବାଲ୍ୟ ବିବାହ ନିରୋଧ ଟାସ୍କ ଫୋର୍ସ, ବେଟୀ ବଚାଓ ବେଟୀ ପଢାଓ ଏବଂ ଶିଶୁ ଶ୍ରମିକ ଉଚ୍ଛେଦ ନେଇ ଆଜି ଜିଲ୍ଲାପାଳଙ୍କ ସଭାଗୃହରେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ କୁମାର ବେହେରାଙ୍କ ଅଧକ୍ଷତା ରେ ଅନୁଷ୍ଠିତ ହୋଇଯାଇଅଛି । ଏହି ବୈଠକରେ ଗତ ଡିସେମ୍ବର ୧୦ ତାରିଖରେ ଅନୁଷ୍ଠିତ ହୋଇଥିବା ଜିଲ୍ଲା ସ୍ତରୀୟ ରାଜ୍ୟ ଚିତ୍ରାଙ୍କନ ପ୍ରତିଯୋଗିତାରେ ବୃତିତ୍ୱ ହାସଲ କରିଥିବା ୧୨ ଜଣ ଶିଶୁଙ୍କୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେହେରା ପ୍ରମାଣପତ୍ର ଏବଂ ଟ୍ରଫି ପ୍ରଦାନ କରି ସମ୍ମାନିତ କରିଥିଲେ । ଶିଶୁମାନଙ୍କ ସୁରକ୍ଷା ଏବଂ ସେମାନଙ୍କର ଶିକ୍ଷା ସ୍ୱାସ୍ଥ୍ୟ ଉପରେ ଗୁରୁତ୍ୱ ଦେବା ସହିତ ବାଲ୍ୟ ବିବାହ ମୁକ୍ତ ଗ୍ରାମ ଘୋଷଣା, ଶିଶୁ ଶ୍ରମିକ ଉଚ୍ଛେଦ, ଗ୍ରାମ୍ୟ ଶିଶୁ କଲ୍ୟାଣ ଏବଂ ସୁରକ୍ଷା କମିଟି କୁ କ୍ରିୟାଶୀଳ କରିବା, ଅଧାରୁ ବିଦ୍ୟାଳୟରୁ ପିଲାମାନେ ପାଠ ଛାଡୁଥିବା ଶିଶୁ ମାନଙ୍କୁ ଚିହ୍ନଟ କରିବା ସହିତ କୃଣ ହତ୍ୟା ରୋକିବା ଦିଗରେ ପଦକ୍ଷେପ ନେବା ତଥା ଶିଶୁ ମାନେ କିପରି ଲିଙ୍ଗ ହୀନତାରୁ ମୁକ୍ତି ପାଇବେ, ସେ ଦିଗରେ ପଦକ୍ଷେପ ନେବା ନିମନ୍ତେ ଅତିରିକ୍ତ ଜିଲ୍ଲାପାଳ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି ବୈଠକରେ ଜିଲ୍ଲା ଅଧିକାରିଣୀ ବାଣିଶ୍ରୀ ପଟ୍ଟନାୟକ ସ୍ୱାଗତ ଭାଷଣ ଦେବାସହ ବୈଠକର ଆଜିମୁଖ୍ୟ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଶିଶୁ ମଙ୍ଗଳ

## ଆରଏସପିର କାର୍ମିକ ବିଭାଗର ଅଧିକାରୀମାନେ ସାବାସ ଯୋଜନା ଅଧୀନରେ ପୁରସ୍କୃତ

ରାଉରକେଲା, ୨୯/୧୨ (ନି/ପ):ସେଲ ରାଉରକେଲା ଇସ୍ପାତ କାରଖାନା ର କାର୍ମିକ ବିଭାଗରେ ୧୩ ଜଣ ଅଧିକାରୀ ବିସେସର ୨୨ ତାରିଖ ଦିନ ଇଡି ପି ଆଣ୍ଡ ଏ କନଫରେନ୍ସ ହଲରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ସାବାସ ଯୋଜନା ଅଧୀନରେ ପୁରସ୍କୃତ ହୋଇଛନ୍ତି । ଏହି ଅବସରରେରେ ଆୟୋଜିତ ଉତ୍ସବରେ କାର୍ମିକ ଓ ପ୍ରଶାସନ ବିଭାଗର ନିର୍ବାହୀ ନିର୍ଦ୍ଦେଶକ, ଶ୍ରୀ ତରୁଣ ମିଶ୍ର ସଭାପତିତ୍ୱ କରି ପୁରସ୍କାର ବିତରଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ କାର୍ମିକ ଓ ପ୍ରଶାସନ ବିଭାଗର କାର୍ଯ୍ୟକାରୀ ସିଜିଏମ୍ ଏବଂ ପିଏଲ-ଓ୍ୱାର୍କସ ଜିଏମ୍ ଇନ୍-ଚାର୍ଜ, ଶ୍ରୀ ଧୀରେନ୍ଦ୍ର ମିଶ୍ର ଓ ସେକ୍ସନ ମୁଖ୍ୟ, ବିଭାଗୀୟ ଅଧିକାରୀ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ଶ୍ରୀ ତରୁଣ ମିଶ୍ର ପୁରସ୍କାର ପ୍ରାପ୍ତ ବ୍ୟକ୍ତିଙ୍କୁ ଅଭିନନ୍ଦନ ଜଣାଇବା ସହ ଏତଥାର ପବକ୍ଷେପ 'ପ୍ରଗତି ରେ ସାଥୀ'କୁ ଏକ ସଫଳ ଅଭିଯାନରେ ପରିଣତ କରିବା ପାଇଁ ୟୁନିଟ୍ ପର୍ସନାଲ ଅଧିକାରୀମାନଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ । ଏହି ପୁରସ୍କାର ବିଜେତାମାନେ ହେଲେ;ପ୍ରଗତି ରେ ସାଥି; ଅଭିଯାନର ଯୋଜନା ତଥା ସମନ୍ୱୟ ରକ୍ଷା କରିବାରେ କାର୍ମିକ ବିଭାଗର ଏଜିଏମ୍ ,ଶ୍ରୀ ଦେବାଶିଷ ପଟ୍ଟନାୟକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ଏବଂ ଅନ୍ୟାନ୍ୟ ୟୁନିଟ୍ ଅଧିକାରୀ ଯଥା ଶ୍ରୀ ବିଭାଗର ବରିଷ୍ଠ ପରିଚାଳକ, ରାଜୀବ ମୁଖାର୍ଜୀ, ସିନିୟର ମ୍ୟାନେଜର, ଶ୍ରୀ ଜୟନ୍ତ କୁମାର ବାଶ, ମ୍ୟାନେଜର, ଶ୍ରୀ ଶୁଭେନ୍ଦୁ ଗଉଡ, ମ୍ୟାନେଜର, ଶ୍ରୀ ଏସ୍ କେ ସେନାପତି, ଆସିଷ୍ଟାଂଟ ମ୍ୟାନେଜର, ଶ୍ରୀ ଆଲୋକ କୁମାର, ଆସିଷ୍ଟାଂଟ ମ୍ୟାନେଜର, ଶ୍ରୀ ପଲାଶ କାନ୍ତି



C-2226

Municipal Commissioner,
Rourkela Municipal Corporation

OIPR-13131/11/0094/2324


## ରାଉରକେଲା କଲେଜରେ ନୂଆ ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମର ଉଦଯାପନୀ ଉତ୍ସବ

ରାଉରକେଲା, ୨୯/୧୨ (ନି/ପ): ସେକ୍ଟର ୪ସ୍ଥିତ ରାଉରକେଲା କଲେଜରେ ନୂଆ ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମର ଜ୍ଞାତ୍ରୀ, ସାଂସ୍କୃତିକ ଓ ସାମାଜିକ ପରିଷଦର ଉଦଯାପନୀ ଉତ୍ସବ ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କଲେଜର ଅଧକ୍ଷା ପ୍ରଫେସର ସୁଜାତା ପ୍ରଧାନଙ୍କ ଅଧକ୍ଷତା ଓ ନୂଆ ଓ ରାଉରକେଲା ଜଜ ମାଧ୍ୟମିକ ବିଦ୍ୟାଳୟର ନୋଡାଲ ଅଫିସର ପ୍ରଫେସର ରଶ୍ମିରଞ୍ଜନ ରାଉତ ଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଡ଼ଃ ପ୍ରଦୀପ କୁମାର ନନ୍ଦ ମୁଖ୍ୟଅତିଥି, ବରିଷ୍ଠ ସାମ୍ବାଦିକ ତଥା ପରିଚାଳନା କମିଟିର ସଦସ୍ୟ ମନୋରଞ୍ଜନ ବାଶ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ । ଅଧକ୍ଷା ପ୍ରଫେସର ପ୍ରଧାନ ସ୍ୱାଗତ ଭାଷଣ ଦେଇଥାବେଳେ ନୂଆ ଓ ନୋଡାଲ ଅଧିକାରୀ ପ୍ରଫେସର ଚପସ୍ନିନୀ ମିଶ୍ର ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ । ନୂଆ ଓ ସାମାଜିକ ପରିଷଦର ନୋଡାଲ ଅଧିକାରୀ ଡ଼ଃ ରବିନ୍ଦ୍ର କୁମାର ଜେନା କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିବା ସହ ଏଭଳି କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆଭ୍ୟନ୍ତରୀଣ ଶକ୍ତିର ବିକାଶ ଓ ପ୍ରତିଭା ଚିହ୍ନଟ ପାଇଁ ଏହା ଏକ ସୁନ୍ଦର ପ୍ରୟାସ ବୋଲି ମତ ରଖିଥିଲେ । ସମ୍ମାନିତ ଅତିଥି ଶ୍ରୀ ବାଶ ତାଙ୍କ ବକ୍ତବ୍ୟରେ କହିଲେ ଯେ ଛାତ୍ରଛାତ୍ରୀଙ୍କ ପରୀକ୍ଷାରେ ସଫଳତାର ଉତ୍ସାହଜନକ ରହିବା ସତ୍ତ୍ୱେ ସନ୍ତୋଷ ପ୍ରଦାନ କରିଥିବାବେଳେ ଛାତ୍ରଛାତ୍ରୀଙ୍କୁ କଠିନ ପରିଶ୍ରମ, ଦାୟିତ୍ୱବୋଧ, ସମୟାନୁବର୍ତ୍ତିତା, ଐକ୍ୟବଦ୍ଧତା, ଶୃଙ୍ଖଳା ସହ ନିଜର ଆଭ୍ୟନ୍ତରୀଣ ଶକ୍ତିର ବିକାଶ ପାଇଁ ଆହ୍ୱାନ ଦେଇଥିଲେ । ମୁଖ୍ୟଅତିଥି ଡ଼ଃ ନନ୍ଦ ତାଙ୍କ ବକ୍ତବ୍ୟରେ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ନିଜର ପ୍ରତିଭା ବିକଶିତ ତଥା ମାନବିକତା ର ବାର୍ତ୍ତା ବହନ କରିଛି ବୋଲି ମତ ରଖିଥିଲେ । କାର୍ଯ୍ୟକ୍ରମ ଶେଷରେ ଗତ ନଭେମ୍ବର ୧୫ରୁ ଆରମ୍ଭ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ପ୍ରାରମ୍ଭରେ ଛାତ୍ରୀ ଲକ୍ଷ୍ମୀପ୍ରିୟା ସାହୁ, ସୁଶ୍ରୀଲେଖା ବେହେରା, ସୋନାଲୀ ମହାନନ୍ଦ, ଭାରତୀ ବେହେରା, ଶିବାନୀ ମିଶ୍ର ସ୍ୱାଗତ ସଂଗୀତ ଗାନ କରିଥିଲା ବେଳେ କାର୍ଯ୍ୟକ୍ରମ ପରିଚାଳନା ରେ ଯୁକ୍ତ ୩ ସାଂସ୍କୃତିକ ପରିଷଦର ନୋଡାଲ ଅଫିସର ରଶ୍ମିପ୍ରଭା ମଥାନ,ସହ ନୋଡାଲ ଅଫିସର କରୁଣାକର ପାଟଶାଣୀ, ଯୁକ୍ତ ୩ କ୍ରୀଡା ପରିଷଦର ନୋଡାଲ ଅଫିସର ମନୋଜ କୁମାର ବଜଲ,ସହ ନୋଡାଲ ଅଫିସର ରଞ୍ଜିତ କୁମାର ପ୍ରଧାନ,ଅନୁପ କୁମାର ଏକ୍କା, ତରୁଣୀ ନାୟକ, ବନବିହାରୀ କିଷାନ, ଶର୍ମିଲା ମାଝୀ,ସ୍ୱାତିସ୍ମିତା ସାହୁ, ଜିତେନ୍ଦ୍ର ବାଲୁଆ, ବିକ୍ରମ ସାହୁ, ସନ୍ତୋଷ ରଣାକ୍, ପ୍ରଭାତ ବଜ, ଅନିଲ ରାମ, ବୈଜୟନ୍ତୀ ବାରିକ, ଭାରତୀ ବ